

ଗୁପ୍ତହତ୍ୟାର ସଂଧାନୀ

# ଗୁପ୍ତହତ୍ୟାର ସନ୍ଧାନୀ

ଶ୍ରୀ ନାରାୟଣ

17 JUL 1959

ଗୁପ୍ତଚର କାର୍ଯ୍ୟାଳୟ

ପ୍ରକାଶକ :
'ଗୁପ୍ତଚର' କାର୍ଯ୍ୟାଳୟ
ଭିଗଚପୁର, କଟକ—୧

ନୂତନ ସଂସ୍କରଣ
୧୯୫୮

ମୂଲ୍ୟ—ଏକ ଟଙ୍କା

ମୁଦ୍ରକ :
ପ୍ରଶାନ୍ତ କିଶୋର ଦାସ
**କୃଷକ ପ୍ରେସ**
କଟକ—୧

ନଂ 257
ତା 17 JUL 1959

— ଏକ —

ଝଡ଼ ବର୍ଷା ବେଳକୁ ବେଳ ବଢ଼ିଲା । ତେଣୁ ସମସ୍ତେ ଖିଆପିଆ ସାରି ସନ୍ଧ୍ୟା ଆଠଟା ବେଳକୁ ଉପରମହଲା ବୈଠକଖାନାରେ ଯୁଟିଲେ, କିନ୍ତୁ ଗପ ଜମି ଲାନି । ଯିଏ ଯାହା ଯାଗାରେ ବସି ରହି ନିଜ ନିଜ ଭାବନା ବ୍ୟସ୍ତ ହେଲେ । ମଝିରେ ମଝିରେ ଅଧ୍ୟାପକ ମହାଶୟ ଗପ ଜମେ ସମାଧାନ ଚେଷ୍ଟା କରି ବିଫଳ ହେଲେ । କାରଣ ଅନ୍ୟମାନେ ତାଙ୍କୁ ଗବାବୁଙ୍କୁ ସହଯୋଗ କଲେନି । ଶବାବୁ

ଏଥର ଅଧ୍ୟାପକ ମହାଶୟ ତାଙ୍କର ବିଦେଶ ଅନୁଭୂତିମାନ ଙ୍କୁ ଶୁଣେଇବାକୁ ଆରମ୍ଭ କଲେ । ଅନ୍ୟମାନେ ଇଚ୍ଛା ନ ଥାଇ ବି ତାଙ୍କ ସହିତ ଯୋଗ ଦେଲେ । କାରଣ ଅଧ୍ୟାପକଙ୍କ ଭାଷାବିନ୍ୟାସ ଅପୂର୍ବ, ଛୋଟ କଥାକୁ ବଢ଼େଇ ଚଢ଼େଇ କହିବାରେ ତାଙ୍କର ଦକ୍ଷତା ଅତି ବେଶୀ । ଗପ ନିଶା ଲାଗି ଆସିଲା ବେଳକୁ ବାହାରୁ ଖୁବ୍ ଜୋର ଶବ୍ଦ ହେଲା । ସାଙ୍ଗକୁ ବିଜୁଳିବତି ବି ଲିଭିଗଲା । ଅଜଣା ଭୟରେ ସମସ୍ତେ ଶିହରି ଉଠିଲେ । ଗପ ଆଳାପ ବନ୍ଦ ହୋଇଗଲା । ସମସ୍ତେ ଯେମିତି ମୂକ ପାଲଟି ଗଲେ ।

ରମେଶବାବୁ ପ୍ରଥମେ ନିଜକୁ ସମ୍ଭାଳି ପଚାରିଲେ, "କଣହେଲା ?"

"Supply କଟିଗଲା । ବୋଧହୁଏ ଗୋଟାଏ ବଡ଼ ଗଛ ଉପୁଡ଼ି ପଡ଼ି ତାର ଛିଣ୍ଡି ଯାଇଛି ।" ଶାନ୍ତ ସ୍ୱରରେ କିଶୋର ଉତ୍ତର ଦେଲେ ।

ଅଳକା ପଚାରିଲେ, "କେତେଟା ବାଜିଛି ?"

ଅଧ୍ୟାପକ ନିଜ ହାତର ରେଡିୟମ ଡାଏଲ୍ ଘଣ୍ଟା ଦେଖି କହିଲେ, "ଆଠଟା ବାଜି ପନ୍ଦର ମିନିଟ୍ ।"

ପ୍ରାୟ ପାଞ୍ଚ ମିନିଟ ଭିତରେ ମାଲ ସପନ ସବୁ ଘରେ ଗୋଟାଏ ଗୋଟାଏ କିରାସିନ ବତି ଜଳେଇ ଦେଇଗଲା । ଏଇଠୁ ଯିଏ ଯାହାର ଶୋଇବା ଘରେ ପଶି କବାଟ କିଳିଲେ ।

ରାତି ଅଧକୁ ଚମ୍ପାର ବୁକୁଫଟା ଚିତ୍କାରରେ ଅନ୍ୟମାନଙ୍କର ନିଦ ଭାଙ୍ଗିଲା । ନିଦ ବାଉଳାରେ ଯିଏ ଯାହାର ଶେଯ ଛାଡ଼ି ଛୁଟି ଆସିଲେ । କିଶୋର ପ୍ରଥମେ ଓ ଠିକ୍ ପରେ ପରେ ରମେଶବାବୁ ଆସି ଚମ୍ପା ପାଖେ ପହଞ୍ଚିଲେ । ଟିକିଏ ଛାଡ଼ି ଆସିଲେ ଅଳକା । ଶେଷକୁ ହାତରେ ଆଲୁଅ ଧରି ସପନ ଓ ହରିଆ ଉପରକୁ ଉଠିଲେ । ସମସ୍ତେ ମେଲା ମେଲା ଆଖିରେ
୧ ଚମ୍ପାକୁ ଚାହିଁଲେ । କାହାରି ମୁହଁରୁ କଥା ପଦେ ବି ବାହାରିଲା ନ ।

ଏମାନଙ୍କୁ ଦେଖି ଚମ୍ପାର ସାହସ ଆସିଲା । ସେ ଟିକିଏ ପ୍ରକୃତିସ୍ଥ ପରି ଜଣାଗଲା । ତଥାପି ମନର ଭୟ ପୂରା କଟି ନ ଥାଏ । ସେ ପଣେ ଥରୁଥାଏ ପତ୍ର । କଥା କହିବା ଶକ୍ତି ତାର ଏକାବେଳକେ ଧ ପାଇଥାଏ କହିଲେ ଚଳେ ।

ପ୍ରଥମେ କିଶୋର ଚମ୍ପାକୁ ଲକ୍ଷ୍ୟ କରି କହିଲେ, କଣ ହେଲା ? କାହିଁକି ଏତେ ଚିତ୍କାର କରୁଚୁ ଶୁଣେ ?"

ଥରିଲା ହାତରେ ଚମ୍ପା ଅଧ୍ୟାପକଙ୍କ ଶୋଇବା ଘରଟି ଦେଖେଇ ଦେଲା । ଆଉ ଡେରି ନ କରି ସମସ୍ତେ ପ୍ରାୟ ଏକାବେଳକେ ଘର ଭିତରକୁ ପଶିଲେ । ଏକା ଚମ୍ପା ବାହାରେ ରହିଲା । ସପନ ହାତ ଆଲୁଅ ତେ ଦେଲାରୁ ସମସ୍ତେ ଦେଖିଲେ ଚୌଧୁରୀ ମହାଶୟ ଚିତ୍ ହୋଇ ତଳେ ଲୋଟି ପଡ଼ିଛନ୍ତି । ପାଖ ଆଖ ଚଟାଣ ରକ୍ତରେ ଭାସୁଛି । ଦୃଶ୍ୟଟି ଦେଖି କାଠ ପାଲଟି ଗଲେ । କାହାରି ମୁହଁରୁ ପଦେହେଲେ କଥା ବାହାରି

ଶେଷକୁ କିଶୋର ନୀରବତା ଭାଙ୍ଗି କହିଲେ, "ସ୍ୱରେନ କିଏ ମାରି ଦେଇଛି । ମୁଁ ଯାଏ ଥାନାରେ ଖବର ଦେଇ ଆସେ ।" ବାହାରିଗଲେ ।

ଅନ୍ୟ ସମସ୍ତେ କିନ୍ତୁ ଆଗପରି ଠିଆ ହୋଇ ରହିଲେ । କିଶୋ କଥା ବୋଧହୁଏ କେହିକେ ଶୁଣିପାରିଲେନି । ଟିକିଏ ପରେ

ଚିତ୍କାର କରି ଉଠିଲେ । ଅନ୍ୟମାନଙ୍କର ବିହ୍ୱଳତା କଟିଲା । ରମେଶବାବୁ ସମସ୍ତଙ୍କୁ ବାହାରେ ଆସିବାକୁ ନିର୍ଦ୍ଦେଶ ଦେଇ ଅଲକାଙ୍କୁ ଧରି ନିଜ ଶୋଇବା ଘରକୁ ବାହାରିଗଲେ ।

ପ୍ରାୟ ଅଧଘଣ୍ଟାକ ପରେ ସାଙ୍ଗରେ ଇନ୍‌ସପେକ୍‌ଟର ସୁବ୍ରତ ନାୟକ ଓ କେତେଜଣ ସିପାହୀଙ୍କୁ ଧରି କିଶୋର ଫେରିଲେ । ସିପାହୀଙ୍କୁ ବାହାରେ ଜଗେଇ ରଖି ନାୟକବାବୁ ସିଧାସଳଖ ଉପରକୁ ଉଠିଲେ । ଅଧା ସିଡ଼ିରେ ରମେଶବାବୁଙ୍କ ସହିତ ତାଙ୍କର ଭେଟ ହେଲା ।

ନିଜକୁ ଯଥା ସମ୍ଭବ ସମ୍ଭାଳି ରମେଶବାବୁ କହିଲେ, ଦେଖନ୍ତୁ ଇନ୍‌ସପେକ୍‌ଟରବାବୁ, ଏଠି ଗୋଟାଏ ବଡ଼ ଧରଣର ଦୁର୍ଘଟଣା ଘଟି ଯାଇଛି । ମୋର ଜଣେ ଅତିଥିଙ୍କୁ କିଏ ଶୋଚନୀୟ ଭାବରେ ହତ୍ୟା କରିଛି ।

"ଆପଣଙ୍କର ବ୍ୟସ୍ତ ହେବା ଦରକାର ନାହିଁ । ଏହାର ଉଚିତ ସମାଧାନ ପାଇଁ ମୁଁ ମୋର ଯଥା ସାଧ୍ୟ ଚେଷ୍ଟା କରିବି ।" କହୁସାରି ରମେଶବାବୁଙ୍କୁ ଆଡ଼େଇ ନାୟକବାବୁ ଉପରକୁ ଉଠିଲେ । କିଶୋର ଓ ରମେଶବାବୁ ଉଭୟେ ତାଙ୍କୁ ଅନୁସରଣ କଲେ । ଅଧ୍ୟାପକଙ୍କ କୋଠରି ପାଖେ ପହଞ୍ଚିବା ମାତ୍ରେ ସୁବ୍ରତବାବୁ ପୁଣି କହିଲେ, ଆପଣମାନେ ଯାଇ ବିଶ୍ରାମ ନିଅନ୍ତୁ ଦରକାର ହେଲେ ମୁଁ ଡକେଇ ପଠେଇବି ।

ଆଲୁଅ ଥୋଇ ଦେଇ ରମେଶ ଓ କିଶୋର ଫେରିଲେ । ନାୟକବାବୁ ଦୁଇ ହାତରେ ମୋଜା ପିନ୍ଧି ଭିତରକୁ ପଶିଲେ ।

କୋଠରିଟି ମଝିଲା ମାପର । ଗୋଟାଏ ପାଖରେ କାନ୍ଥକୁ ଲାଗି ତିନୋଟି ବନ୍ଦ ଆଲମାରୀ ଥୁଆ ହୋଇଛି । ପ୍ରତ୍ୟେକଟି ଦେହରେ ପୃଷ୍ଠା ଓ ସବୁ ବହି ନମ୍ବର ଲଗା । ଠିକ୍ ସାମନା କାନ୍ଥକୁ ଲାଗି ପଡ଼ିଛି ଗୋଟାଏ କଣିକିଆ ପଲଙ୍କ । ସେଇଟିରେ ଶେଯ ପରା ହୋଇଛି । ବିଛଣା ଚଦରଟି ପଲଙ୍କ ଆକାର ତୁଳନାରେ ବେଶ୍ ବଡ଼ । ସେଇଟି ପୁଣି ବିଶେଷ କରି ସାମନା ପଟକୁ ଝୁଲି ପଡ଼ିଛି । ଚଦରଟିର ଅବସ୍ଥା ଦେଖି ମନେହେଲା ଖୁବ୍ କମ୍ ସେ ରାତିକ ପାଇଁ ମୋଟେ ବ୍ୟବହାର କରା ହୋଇନି । ଦୂରରୁ ଠିଆ ହୋଇ ସେ ଟର୍ଚ୍ଚ ଆଲୁଅ ପକେଇଲେ । ପଲଙ୍କ ତଳ ତାଙ୍କ ଦୃଷ୍ଟି ମୋଟେ ଏଡ଼ିଲା ନାହିଁ ।

ଅଟକୁ ଝୁଲିଥିବା ଝଲଣା ଚଦର ଦାଉରୁ ସବୁଟା ଘୋଡ଼େଇ ହୋଇଗଲା । ମୁଣ୍ଡ ଉପରକୁ ଥାଏ ଗୋଟାଏ ଛୋଟ ଲୁଗା ଆଲଣା । ଖଣ୍ଡେ କାମିଜ, ଖଣ୍ଡେ ପେଣ୍ଟ ଓ ଗୋଟାଏ କୋଟ୍ ଛଡ଼ା ସେଥିରେ ଆଉ କିଛି ନ ଥାଏ । ବନ୍ଦ ଆଲମାରି ଓ ପଲଙ୍କ ମଝିରେ ଗୋଟାଏ ଛୋଟ ଗୋଲ ଟେବୁଲ ଓ ଖଣ୍ଡେ ଚୌକି ଥୁଆ ହୋଇଥାଏ ।

ଆଉ ପଲଙ୍କ ଓ ଟେବୁଲ ମଝିରେ ଥିବା ଅଳ୍ପ ଜାଗାରେ ମୃତ ବ୍ୟକ୍ତି ଚିତ୍ ହୋଇ ପଡ଼ିଥାଆନ୍ତି । ସେ ଆଗେଇ ଯାଇ ଅଧ୍ୟାପକଙ୍କୁ ଏକ ଲୟରେ ଚାହିଁଲେ । ମରିଛି ଉଚ୍ଚର ମଣିଷଟିଏ, ଦେହରେ ରାତି ପିନ୍ଧା ପୋଷାକ । ଉଜ୍ଜ୍ୱଳ ଶ୍ୟାମ ବର୍ଣ୍ଣ ଦେହଟି ମୋଟା ସୋଟା । ମୁହଁର ଗଢ଼ଣଟି ଚମତ୍କାର । ଖାଲି ଆଖିରେ ବୟସ ଅନୁମାନ କରିବା ଅତି କଷ୍ଟ । ମନେ ହୁଏ ଚାଳିଶ ଟପି ନାହାନ୍ତି । ଦେହରେ ଥିବା ରାତି ପିନ୍ଧା ପୋଷାକର ଆଗ ପଟ ରକ୍ତରେ ଲାଲ ଦିଶୁଛି । ଛାତିରେ ଦୁଇଟି ଗୁଳି ଦାଗ ।

ଏଥର ନାୟକ ବାବୁ ଆଲୁଅ ପକେଇ ଚଟାଣଟାରେ ଥରେ ଆଖି ବୁଲେଇ ନେଲେ । ଏଠି ସେଠି ହୋଇ କେତେ ଖଣ୍ଡ କାଗଜ ଘର ସାରା ବିଛେଇ ହୋଇ ପଡ଼ିଛି । ସେ ଖଣ୍ଡେ ଉଠେଇ ଆଣି ପଢ଼ିଲେ । କେହି ଜଣେ ଦୂର ବିଦେଶରୁ ଲେଖିଛନ୍ତି । ହଠାତ୍ ତାଙ୍କ ଆଖି ପଡ଼ିଲା । ଆଗ ସାମନା ଝରକା ଦୁଇଟି ଉପରେ । ସେଥି ଭିତରୁ ଗୋଟିକର ଠିକ୍ ତଳେ ଥିବା ଚଟାଣଟି ଓଦା । ଆପେ ଆପେ ତାଙ୍କ ମନରେ ଉଠିଲା—ଗୋଟାଏ ପଟ ଚଟାଣ ଓଦା ହେଲା କେମିତି ?

ଏତିକି ବେଳକୁ ରାତିରେ ଫଟୋ ନେବାର ସାଜ ସରଞ୍ଜାମ ଧରି ପୁଲିସ ଫଟୋଗ୍ରାଫର ନବୀନ ବାବୁ ଆସିଲେ । ନାୟକ ବାବୁ ତାଙ୍କୁ କେତେକ ଉପଦେଶ ଦେଇ ତଳକୁ ବାହାରି ଗଲେ । ନବୀନ ବାବୁ ଏଥର ନିଜ କାମରେ ମନ ଦେଲେ ।

ନାୟକ ବାବୁ ତଳକୁ ଓହ୍ଲେଇ ଘର ଚାରିପଟ ବୁଲି ଦେଖିଲେ । ସେ ଲକ୍ଷ କଲେ ଘର ଚାରିପାଖ ଘେରି ରହିଛି ଗୋଟାଏ ବଡ଼ ବଗିଚା । ଅନ୍ଧାର ରାତିରେ ବଗିଚାଟିକୁ ଭଲ ରୂପେ ଖୋଜି ଦେଖିବା ଯେ ଅସମ୍ଭବ

ଏଥିରେ ତାଙ୍କର କୌଣସି ସନ୍ଦେହ ରହିଲାନି । ତଥାପି ସେ ଟର୍ଚ୍ଚ ଆଲୁଅ ଟିପି ଗୃହଆଡ଼କୁ ଲକ୍ଷ୍ୟ ରଖି ଧୀରେ ଧୀରେ ଆଗେଇଲେ । କେତେ ସମୟ ପରେ ସେ ଘର ପଛପଟେ ପହଞ୍ଚି ଦେଖିଲେ ବଗିଚାକୁ ଯିବା ପାଇଁ ପଛ ପାଖେ ଗୋଟାଏ ଦରଜା ଅଛି । ସେ ପାଦ ଚିହ୍ନ ଆଶାରେ ଦରଜା ଆଖ ପାଖ ବଗିଚାରେ ଭଲ ରୂପେ ଆଲୁଅ ପକେଇ ପରୀକ୍ଷା କଲେ କିନ୍ତୁ ତାଙ୍କର ଆଶା ସଫଳ ହେଲାନି । ହତାଶହୋଇ ଆଗେଇବାକୁ ବସିଛନ୍ତି ହଠାତ୍ ଗୋଟାଏ ଟଗର ଗଛମୂଳେ ତାଙ୍କର ଆଖି ପଡ଼ିଲା । ସେ ଆଗେଇ ଯାଇଁ ଦେଖିଲେ, ଦୁଇଟି କାଦୁଅ ବୋଳା ହାତ ମୋଜା ପଡ଼ିଛି । ସେ ଦୁଇଟି ଧରି ସେ ଗୃହ ଆଡ଼କୁ ସତର୍କ ଦୃଷ୍ଟି ରଖି ପୁଣି ଆଗେଇଲେ ।

ଅଳ୍ପ ସମୟ ପରେ ସେ ଘରଟିର ଆଗ ପଟେ ପହଞ୍ଚି ଦେଖିଲେ କାନ୍ଥ ଆଡ଼କୁ କଣ ଗୋଟାଏ ତେଲିଆ ଜିନିଷ ଢାଳା ହୋଇଛି । ସେ ନଇଁ ପଡ଼ି ସେଇ ତେଲିଆ ମାଟିରୁ ଟିକିଏ ଆଣି ଶୁଙ୍ଘି ଦେଖିଲେ, ସେଗୁଡ଼ାକ କିରାସିନି ତେଲ । ଆଉ ଠିକ୍ ପାଖକୁ ଲାଗି ଗୋଟାଏ ବଡ଼ ପିମ୍ପୁଡ଼ି ଗମନ୍ଧା । ତାଙ୍କର ଆଉ ସନ୍ଦେହ ରହିଲାନି ଯେ କେହି ପିମ୍ପୁଡ଼ି ମାରିବା ପାଇଁ ତେଲ ଢାଳିଛି । ହଠାତ୍ ସେ ଉପରକୁ ଚାହିଁ ଦେଖିଲେ । ଠିକ ମୁଣ୍ଡ ଉପରେ ମୃତବ୍ୟକ୍ତିଙ୍କ ଶୋଇବା ଘରର ସେ ଝରକା ଯେଉଁଟା କି କୌଣସି ନା କୌଣସି କାରଣରୁ ଘୋର ବର୍ଷା ସମୟରେ ଖୋଲା ଯାଇଥିଲା ।

ଏତିକି ବେଳକୁ ନବୀନ ବାବୁ ଆସି କହିଲେ, ଆଉ କିଛି ଫଟୋ ନବାକୁ ପଡ଼ିବ ?

ନାୟକ ବାବୁ ଓଲଟି ଜାଣିବାକୁ ଚାହିଁଲେ, ଘର ଭିତରର ସବୁ ଫଟୋ ଉଠେଇ ସାରିଲେଣି ?

"ହଁ"

"ତାହାହେଲେ ବାହ ଦରଜାର କେତେଟା ଫଟୋ ନିଅନ୍ତୁ । ଯଦି ଏଇଠି କିଛି ଚିହ୍ନ ମିଳି ପାରେ ।"

ଏଥର ଦୁହେଁ ପୁଣି ଭିତରକୁ ପଶିଲେ । ନାୟକ ବାବୁ ସିଧା ସଲଗ ଉପରକୁ ଉଠିଲେ । ଆଉ ନବୀନ ବାବୁ ଯନ୍ତ୍ରପାତି ସହ ଘର ପଛପଟ ଆଡ଼େ ଆଗେଇଲେ ।

ମୃତ ବ୍ୟକ୍ତିଙ୍କ କୋଠରୀରେ ପଶି ନାୟକ ବାବୁ ଆଗ ଗ୍ରେଟ ଗୋଲିଆ ଟେବୁଲଟିକୁ ଭଲ ରୂପେ ପରୀକ୍ଷା କରି ଦେଖିଲେ । ମଝିଲା ମାପର ଟେବୁଲ ଉପରେ ପଡ଼ିଥାଏ ଖଣ୍ଡେ ଧଳା ଫୁଲପକା ଟେବୁଲ କ୍ଲଥ୍, ତାର ଉପରେ ଥାଏ ଗୋଟାଏ ପାର୍କର ଗୋଲ୍ଡ କ୍ୟାପ୍ ଫାଉଣ୍ଟେନ୍, କିରାସିନ ଲ୍ୟାମ୍ପ, ଗୋଟାଏ ଖଣ୍ଡିଆ ସିଗାରେଟ ରଖିବାପାତ୍ର, ଗୋଟିଏ କାଭେନ 'ଏ' ସିଗାରେଟ୍ ଟିଣ, ଖଣ୍ଡେ ଢଆସିଲ, ଖଣ୍ଡେ ପଟି ମଲାଟ ବହି ଓ ଦୁଧ ଗିଲାସ । ପ୍ରଥମେ ସେ ପାତ୍ରଟିରେ ଥିବା ଦରପୋଡ଼ା ସିଗାରେଟ୍‌ଗୁଡ଼ିକୁ ପରୀକ୍ଷା କଲେ । ସବୁ ଗୁଡ଼ିକ କାଭେନ୍ 'ଏ' । ନିଶ୍ଚୟ ମୃତବ୍ୟକ୍ତି ସେଗୁଡ଼ିକୁ ବ୍ୟବହାର କରିଛନ୍ତି । ତାପରେ କିରାସିନୀ ବତୀଟି ଆଡ଼କୁ ସେ ଆଖି ପକାଇଲେ । ସେ ଦେଖିଲେ ଲ୍ୟାମ୍ପଟିର ତଳ ପଟେ ତେଲ ଲାଗିଛି । ଏଇ ଯେ ଲ୍ୟାମ୍ପଟିରୁ ଝରିଛି ଏଥିରେ ତାଙ୍କର ସନ୍ଦେହ ରହିଲାନି ।

ଏଥର ସେ ପଲଙ୍କ ତଳେ ଥିବା ସୁଟ୍‌କେଶ ଉପରକୁ ଆଖି ଫେରାଇଲେ । କଳା ଲୁହା ଗୋବମରା ସୁଟ୍‌କେଶଖଣ୍ଡେ ମେଲା ପଡ଼ିଛି । ସତେ ଯେମିତି କିଏ ସେଟକୁ ବଳ ପ୍ରୟୋଗ କରି ଖୋଲିଛି ଓ ଭିତରଟା ଯାକ ଗୋଳେଇ ଘାଣ୍ଟି ଖୋଜିଛି କି । ସେ ନଇଁପଡ଼ି ମନିବ୍ୟାଗ୍‌ଟି ଉଠେଇ ଆଣି ଖୋଲି ଦେଖିଲେ । ସେଥିରୁ ପାଞ୍ଚଶ' ଟଙ୍କାର ନୋଟ୍ ଓ କିଛି ରେଜା ପଇସା ବାହାରିଲା । ସେ ପୁଣି ଥରେ ସେତକ ବ୍ୟାଗ୍‌ରେ ରଖି ସୁଟ୍‌କେଶ୍ ବନ୍ଦ କଲେ ।

ଏତିକି ବେଳକୁ ଆମ୍ବୁଲେନ୍‌ସ ଆସି ପହଞ୍ଚିଲା । ସେ ତରବରରେ ମୃତବ୍ୟକ୍ତିଙ୍କ ଗାତ ପିନ୍ଧା ପୋଷାକଟିର ପକେଟଗୁଡ଼ିକ ଖୋଜି ନେଇ ଲାସ ନେଇଯିବାକୁ ଆଦେଶ ଦେଲେ । ଲାସ ଉଠିଯିବା ପରେ ନାୟକ ବାବୁ ଖାଲି ଦୁଧ ଗିଲାସଟି ଧରି ଘର ତାଲା ପକେଇ ରମେଶ ବାବୁଙ୍କୁ ଡାକି ପଠେଇଲେ । ଟିକିଏ ପରେ ରମେଶ ବାବୁ ଆସିଲା ମାତ୍ରେ ସେ କହିଲେ, "ଆପଣଙ୍କ ଏଇ ଘରଟା ତଦନ୍ତ ଶେଷ ଯାଏ ଆମ ହାତରେ ରହିବ ଓ ଆମ ଲୋକ ଦିନ ରାତି ଏଠି ଜଗି ରହିବେ ।

"ଆପଣଙ୍କ ଇଚ୍ଛା !" ଟିକିଏ ରହି ରମେଶ ବାବୁ ପଚାରିଲେ, "ଆପଣ ଆମ କାହାରଠୁ କିଛି ପଚାରି ବୁଝିବେନି ?"

'ବୋଧହୁଏ ପ୍ରଥମ ସ୍ତ୍ରୀଙ୍କର ମୃତ୍ୟୁ ପରେ ପରେ ଆପଣ ରେଖା ଦେବୀଙ୍କୁ ବିବାହ କଲେ ?'

'ନା ।'

'ତେବେ ତାଙ୍କ ସହିତ ଆପଣଙ୍କର ବିବାହ କେବେ ହେଲା ?'

'ପ୍ରାୟ ଗୃରବର୍ଷ ହବ ।'

'ବାହାଘର କଣ ଏଇଠି ହୋଇଥିଲା ?'

'ନା, କଲିକତାରେ ।'

'ବୋଧହୁଏ ରେଖାଦେବୀଙ୍କ ସହିତ ଆପଣଙ୍କର ପୂର୍ବରୁ ଘନିଷ୍ଟ ପରିଚୟ ଥିଲା ?'

'ପ୍ରଥମେ ମୁଁ ତାଙ୍କୁ କଲିକତାରେ ବ୍ରହ୍ମ ସମାଜର ଗୋଟାଏ ବାର୍ଷିକ ଉତ୍ସବରେ ଭେଟେ । ପରେ ପରେ ଆମ ଦୁହିଁଙ୍କ ପରିଚୟ ବଢ଼ି ଉଠି ବର୍ଷକ ପରେ ଆମେ ଦୁହେଁ ବିବାହ କରୁ ।'

'ବିବାହ ପ୍ରସ୍ତାବଟା ପ୍ରଥମେ ଆପଣ ଆଣିଥିଲେ ନା ରେଖାଦେବୀ ?'

'ସତ କହି ବସିଲେ ପ୍ରସଙ୍ଗଟା ପ୍ରଥମେ ଅବିନାଶବାବୁ ଉଠେଇ ଥିଲେ ।'

'ଅର୍ଥାତ୍ ରେଖାଦେବୀଙ୍କ ପିତା ?'

'ହଁ ।'

'କାଲି ରାତି ଦଶଟାବେଳକୁ ଅବିନାଶବାବୁ ବୋଧହୁଏ ଆପଣଙ୍କ ଗାଡ଼ିରେ ସ୍ୱପ୍ନପୁରୀରେ ପହଂଚଲେ ?'

'ହଁ ।'

'ତାଙ୍କର ଏଠାକୁ ଆସିବାର କାରଣ ?'

'ମୋଟ ଉପରେ ସେ ବ୍ୟବସାୟଗତ କୌଣସି କାରଣରୁ ମାନ୍ଦ୍ରାଜ ଯାଇଥିଲେ ଓ ଫେରିବା ବାଟରେ ଏଠି ଓହ୍ଲେଇଛନ୍ତି ।'

'ତାଙ୍କ ଆସିବା ଖବର ଆପଣ ଆଗରୁ ଜାଣିଥିଲେ ?'

'ହଁ, ଦିନଦିନ ତଳେ ମୁଁ ତାଙ୍କଠୁ ଗୋଟାଏ ଟେଲିଗ୍ରାମ ପାଇଥିଲି ।'

'ଟେଲିଗ୍ରାମଟା ଆପଣଙ୍କ ପାଖେ ଅଛି ?'

'ହଁ, ମଗେଇ ଦେବ ?'

'ଆଉ, ମୁଁ ଥାନାକୁ ଫେରିବାପୂର୍ବରୁ ପାଇଲେ ହେଲା ।'

'ଆପଣଙ୍କ ଇଚ୍ଛା ।'

'ବିବାହ ପୂର୍ବରୁ ଆପଣ, ରେଖାଦେବୀ ଓ ତାଙ୍କ ପିତାଙ୍କ ବିଷୟରେ କିଛି ଜାଣିବାକୁ ଚେଷ୍ଟା କରିଥିଲେ କି ?'

'କ୍ଷମା କରିବେ, ଏ ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବିନି ।'

'ଆପଣଙ୍କ ଇଚ୍ଛା, ଟିକିଏ ରହି ନାୟକବାବୁ ପୁଣି ପଚାରିଲେ, ଆପଣ କହିପାରିବେ କେତେବେଳେ ଏଇ ହତ୍ୟାକାଣ୍ଡଟା ଘଟିଛି ?'

'ମୁଁ ଠିକ୍ ଜାଣେନା ।'

'ହୀରେନବାବୁ ମରି ପଡ଼ିଛନ୍ତି ବୋଲି କିଏ ପ୍ରଥମେ ଜାଣିଲା ?'

'ଚମ୍ପା ।'

'ସେ କୋଉ ମହଲାରେ ଶୋଇଥିଲା ?'

'ତଳ ମହଲାରେ ।'

'ତେବେ ଉପର ମହଲାର ଖୁନ କଥା ସେ ଆଗେ ଜାଣିଲା କେମିତି ?'

'ଏ ପ୍ରଶ୍ନର ଉତ୍ତର ମୋ ଅପେକ୍ଷା ଚମ୍ପା ଭଲ ଦେଇ ପାରିବ ।'

'ଆପଣ କେତେବେଳେ ଓ କେଉଁ ଅବସ୍ଥାରେ ଅଧ୍ୟାପକଙ୍କ ହତ୍ୟା କଥା ଜାଣିଲେ ?'

'ଅଧ ରାତିରେ ଚମ୍ପାର ଚିତ୍କାର ଶୁଣି ମୋ ନିଦ ଭାଙ୍ଗିଗଲା ଓ ସାଙ୍ଗେ ସାଙ୍ଗେ ମୁଁ ବାହାରକୁ ଉଠି ଆସିଲି···।'

'ଆଉ ଅନ୍ୟ ମାନେ ?'

'ସେମାନେବି ଚମ୍ପା ପାଟିରେ ଶୋଇଲା ଶେଯରୁ ଉଠି ଆସିଲେ ।'

'ଚମ୍ପା ପାଖରେ ଆଗ କିଏ ପହଞ୍ଚିଲା ?'

'ମୁଁ ଗଲାବେଳକୁ ସେଠି କିଶୋର ଥିଲା, ଆଉ ମୋ ପଛେ ପଛେ ଅଲକା ଓ ଟିକିଏ ପରେ ସପନ ଓ ହରିଆ ବୁଢ଼େଇଁ ଲଣ୍ଠନ ଧରି ତଳୁ ପହଞ୍ଚିଲେ ।

'ସପନ କିଏ ?'

'ମୋ ଖାନନଗର ଘରର ମାଳି ଓ ଜଗୁଆଳି ।'

'ହୁଁ... ।' ଟିକିଏ ଚିନ୍ତା କରି ନାୟକବାବୁ ପୁଣି ପଚାରିଲେ, 'ଉପର ମହଲାରେ କିଏ କିଏ ଶୋଇଥିଲେ ?'

'ମୁଁ, ଅଧ୍ୟାପକ, କିଶୋର ଓ ଅଳକା ।'

'ଆଉ ରେଖା ଦେବୀ ?'

'ସେ ଗଲା ଶନିବାରଠାରୁ ଜଳବାୟୁ ପରିବର୍ତ୍ତନରେ ପୁରୀ ଯାଇଛନ୍ତି ।'

'ରେଖା ଦେବୀ ନାରୀକଲ୍ୟାଣ ସମିତିର ସମ୍ପାଦିକା ନା ?'

'ହଁ ।'

'ଓଃ, ମୋର ମନେ ହୁଏ ଆଜି ନାରୀକଲ୍ୟାଣ ସମିତିର ବାର୍ଷିକ ଅଧିବେଶନ ଆରମ୍ଭ ହେଉଛି ।'

'ତା ଠିକ, ତେବେ ରୋଗ ବୈରଗତ ମଣିଷର ସୁବିଧା ଅସୁବିଧା ଦେଖେନା ।'

'ରେଖା ଦେବୀ ତେବେ ଅସୁସ୍ଥା ?'

'ତା ନ ହୋଇଥିଲେ ଜଳବାୟୁ ପରିବର୍ତ୍ତନରେ ଯାଆନ୍ତେ କାହିଁକି ?'

'କଣ ହେଇଚି ତାଙ୍କର ?'

'ହୃଦରୋଗ ।'

'କାହା ଚିକିତ୍ସାରେ ଅଛନ୍ତି ?'

'ଡାକ୍ତର ନଳିନୀକାନ୍ତ ଦାସ ।'

'ଆଚ୍ଛା, କାଲି ରାତିରେ ଆପଣମାନେ ଶୋଇବାକୁ ଯିବା ପୂର୍ବରୁ ଉପର ମହଲା ସିଡ଼ି କବାଟ ବନ୍ଦ କରିଥିଲେ ?'

'ସେ କଥା ତ ମୁଁ ଠିକ୍ କହି ପାରିବିନି । ତେବେ ମୋର ବିଶ୍ୱାସ ଅଳକା କଦାପି ସିଡ଼ି କବାଟ ଖୋଲି ରଖି ନ ଥିବ ।'

'କାଲି ରାତିରେ ଆପଣ ପିସ୍ତଲ ଫୁଟିଥିବାର ଶବ୍ଦ ଶୁଣିଛନ୍ତି କି ?'

ରମେଶ ବାବୁ କ୍ଷଣକାଳ ଚିନ୍ତା କରି ଉତ୍ତର ଦେଲେ, ନାଁ ତ, ସେ ରକମ କିଛି ଶବ୍ଦ ଶୁଣିଲା ପରି ମୋର ମନେ ହେଉନି ।"

'କାଲି ରାତିରେ ଆପଣ ଅନ୍ୟ କୌଣସି ଶବ୍ଦ ଶୁଣି ନାହାନ୍ତି ?'

'ଠିକ ତା ନୁହେଁ, କାଲି ରାତି ଆଠଟା ଦଶ ମିନଟ୍ ବେଳକୁ ଗୋଟାଏ ବଡ଼ ଗଛ ଉପୁଡ଼ି ପଡିବାର ଶବ୍ଦ ଛଡ଼ା ମୁଁ ଆଉ କିଛି ଶୁଣିବାକୁ ପାଇନି ।" ନାୟକ ବାବୁଙ୍କୁ ଚିନ୍ତିତ ଦେଖି ସେ କହିଲେ, "ହେଲେ ସେତେବେଳକୁ ତ ଅଧ୍ୟାପକଙ୍କ ସମେତ ଆମେ ସବୁ ଉପର ମହଲା ବୈଠକଖାନାରେ ବସି ଗପ କରୁଥିଲୁ ।"

"ସେତେବେଳକୁ ରାତି ଆଠଟା ବାଜି ଦଶ ମିନଟ ହୋଇଥିଲା ବୋଲି ଆପଣ କେମିତି ଜାଣିଲେ ?"

"ଗଛଟା ଉପୁଡ଼ି ପଡ଼ିବା ସାଙ୍ଗେ ସାଙ୍ଗେ ବିଜୁଳି ସରବରାହ କଟିଗଲା । ସାଙ୍ଗେ ସାଙ୍ଗେ ଅଲକା ପଚାରିଲା—ସମୟ କେତେ ?— ଉତ୍ତରରେ ନିଜ ହାତର ରେଡ଼ିୟମ ଡାଏଲ୍ ଘଣ୍ଟା ଦେଖି ଅଧ୍ୟାପକ କହିଲେ—ଆଠଟା ବାଜି ଦଶ ମିନଟ୍ ।

"ମୃତବ୍ୟକ୍ତିଙ୍କ ସହିତ ଆପଣଙ୍କର ଶେଷଥର ପାଇଁ କେତେବେଳେ ଦେଖା ହୋଇଥିଲା ?"

"ଆଲୁଅ ଲିଭିବାର ପ୍ରାୟ ଦଶମିନଟ୍ ପରେ ସପନ ସବୁ ଘରେ ଗୋଟାଏ ଗୋଟାଏ କିରାସିନ ଲ୍ୟାମ୍ପ ଜଳେଇ ଦେଇଗଲା । ଆଉ ସାଙ୍ଗେ ସାଙ୍ଗେ ଆମେ ଯିଏ ଯାହାର ଶୋଇବା ଘରକୁ ଉଠିଗଲୁ ।"

'ତାପରେ ଆପଣ ଅଧ୍ୟାପକଙ୍କୁ ଆଉ ଜୀବିତ ଦେଖି ନାହାନ୍ତି ?'

'ନା ।'

'ଆଚ୍ଛା ଆପଣଙ୍କର ଗୋଟେ ପିସ୍ତଲ ଅଛି ପରା ?'

'ହଁ ।'

'କେବେଠୁ ଆପଣ ସେଟାକୁ କିଣିଲେଣି ?'

'ପ୍ରାୟ ଦୁଇ ବର୍ଷ ହେବ ।'

'ଆପଣ କେବେ ସେଟାକୁ ବ୍ୟବହାର କରିଛନ୍ତି ?'

“ନା, ଦରକାର ବି ପଡ଼ିନି । ଦେଖନ୍ତୁ, କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର ପାଖରେ ରଖିବାର ପକ୍ଷପାତୀ ମୁଁ ନୁହେଁ । ଖାଲି ଅଳକାର ଜିଦ୍ ଯୋଗୁ ମୁଁ ଓ କିଶୋର ବାଧ୍ୟ ହୋଇ ଗୋଟାଏ ଗୋଟାଏ ପିସ୍ତଲ କିଣିଛୁ ।”

“ଆପଣଙ୍କ ପିସ୍ତଲଟା ଟିକିଏ ଦେଖେଇବେ କି ?”

“ନିଶ୍ଚୟ ।” କହି ରମେଶବାବୁ ଭିତରକୁ ଉଠିଗଲେ । ପ୍ରାୟ ପାଞ୍ଚ ମିନିଟ୍ ପରେ ସେ ପିସ୍ତଲ ଓ ଅବିନାଶ ବାବୁ ପଠେଇଥିବା ଟେଲିଗ୍ରାମଟି ଧରି ଫେରିଲେ ।

ନାୟକବାବୁ ପ୍ରଥମେ ପିସ୍ତଲଟିକୁ ଖୋଲି ପରୀକ୍ଷା କଲେ । ପରେ ସେ ରମେଶବାବୁଙ୍କୁ ପୁଣି ପଚାରିଲେ, ଆପଣ କଣ ସତରେ ପିସ୍ତଲଟାକୁ କେବେହେଲେ ବ୍ୟବହାର କରି ନାହାନ୍ତି ?

“ଆଜ୍ଞା କଣ ମିଛ କହୁଛି ? ରମେଶବାବୁ ବିରକ୍ତ ହୋଇ ଓଲଟି ପ୍ରଶ୍ନ କଲେ ।

“ତେବେ ପିସ୍ତଲଟିରୁ ଦୁଇଟି ଗୁଳି ଖର୍ଚ୍ଚ କଲା କିଏ ? ନାୟକବାବୁ ଖୋଲା ପିସ୍ତଲଟି ରମେଶବାବୁଙ୍କୁ ଦେଖେଇଲେ ।

ପିସ୍ତଲଟି ପରୀକ୍ଷା କଲାମାତ୍ରେ ରମେଶବାବୁଙ୍କ ମୁହଁ ଉପରେ ଶୋଭା ପଡ଼ିଗଲା । ସତକଥା ତ, ପିସ୍ତଲଟିରେ ଦୁଇଟି ଗୁଳି ନାହିଁ । ସେ ଥତ ମତ ଖାଇ ଅସ୍ପଷ୍ଟ ସ୍ୱରରେ କହିଲେ ମୁଁ ଠିକ୍ କହିପାରୁ ନାହିଁ ।

ନାୟକବାବୁ ଏଥର ଟେଲିଗ୍ରାମଟି ପଢ଼ି ଦେଖିଲେ । ମାନ୍ଦ୍ରାଜରୁ ପାଞ୍ଚ-ଦିନ ପୂର୍ବେ ଅବିନାଶବାବୁ ଜଣେଇଛନ୍ତି, ରବିବାର ଦିନ ମାନ୍ଦ୍ରାଜ ମେଲ ଯୋଗେ ସେ କଟକରେ ପହଂଚିବେ । ଏଥର ସେ ଟେଲିଗ୍ରାମ ଓ ପିସ୍ତଲଟିକୁ ପକେଟ୍‌ରେ ରଖି ରଖି ରମେଶବାବୁଙ୍କୁ ବିଦାୟ ଦେଲେ, ଆପଣ ବର୍ତ୍ତମାନ ଯାଇ ପାରନ୍ତି । ଟିକିଏ ଚମ୍ପାକୁ ପଠେଇ ଦେବେ । ଏ ଦୁଇଟା ମୋ ପାଖେ ରହିଲା । ତଦନ୍ତ ଶେଷରେ ଫେରେଇ ଦେବି ।

ରମେଶବାବୁ ଉଠିଗଲେ । ଟିକିଏ ପରେ ପରଦା ଟେକି ଚମ୍ପା ଭିତରକୁ ପଶିଲା । ନାୟକବାବୁ ଚାହିଁ ଦେଖିଲେ, ଚମ୍ପା ଦେଖିବାକୁ ସୁନ୍ଦର । ବୟସ ତିରିଶ ଆଖ ପାଖ ହେବ । ସଧବା କି ବିଧବା ଠଉରେଇବା

କଷ୍ଟ । ଦେହରେ ଖଣ୍ଡେ ତନ୍ତବୁଣା ନାଲି ଶାଢ଼ୀ ଆଉ ଦୁଇ ହାତରେ ପଟେ ପଟେ ସୁନା କାଚ ଓ ବେକରେ ଗୋଟାଏ ପତଳା ସୁନାହାର ପିନ୍ଧିଛି । ହେଲେ ମୁଣ୍ଡରେ ସିନ୍ଦୂରର ସନ୍ତ୍ରା ନାହିଁ । ଖାଲି ଆଖିକୁ ମନେ-ହୁଏ, ସତେ ଯେମିତି କୋଉ ଘରର ଝିଅ-ବୋହୂ, କପାଳ ଦୋଷରୁ ଆଜି ପର ଦୁଆରେ ଖଟି ଖାଉଛି ।

ଖାଲି ଚୌକିଟିରେ ଚମ୍ପାକୁ ବସିବା ପାଇଁ ନିର୍ଦ୍ଦେଶ ଦେଇ ନାୟକବାବୁ ପଚାରିଲେ ତୁମେ ପ୍ରଥମେ ଅଧ୍ୟାପକ ମରି ପଡ଼ିଥିବାର ଦେଖିଲ ନୁହେଁ ?"

'ହଁ ଆଜ୍ଞା, ।" ସେ ଡରି ଡରି କହିଲା ।

'କାଲି ରାତିରେ ଗୁଳି ଫୁଟିବା ଶବ୍ଦ ଶୁଣିଛ ?

'ନା । ତ ?'

'ଠିକ୍ କରି ମନେ ପକାଅ ।'

'ନାହିଁ, ମୁଁ ସେମିତି କିଛି ଶବ୍ଦ ଶୁଣିନି, ଖୁବ ଚଞ୍ଚଳ ଚମ୍ପା ଉତ୍ତର ଦେଲା ।

"କାଲି ରାତିରେ ସ୍ୱରେନବାବୁ କେତେବେଳେ ଶୋଇବାକୁ ଗଲେ ?

"ମୁଁ ଜାଣିନି ବାବୁ ।

"ସ୍ୱରେନ୍ ବାବୁ ଯୋଉ ଘରେ ଶୋଇଥିଲେ; ସେଇଟା କଣ ଅତିଥିମାନଙ୍କର ଶୋଇବା ଘର ?"

"ନା, ବାହାର ଲୋକେ ତଳ ମହଲା ଦାଣ୍ଡ ଘରେ ରୁହନ୍ତି । ଟିକେ ଢୋକି ସେ ପୁଣି କହିଲା, ସେଇଟା ଆମ ବାବୁଙ୍କର ପଢ଼ାଘର ।"

"ତମର ତ ତଳ ମହଲାରେ ଶୋଇବା କଥା, ତୁମେ କାହିଁକି ଅଧ-ରାତିରେ ଉପର ମହଲାକୁ ଉଠିଥିଲ ?" ଚମ୍ପାକୁ ଅବସରନବାକୁ ସମୟ ନ ଦେଇ ନାୟକବାବୁ ପଚାରିଲେ ।

ପ୍ରଥମେ କେମିତି ଟିକଏ ଇତଃସ୍ତତଃ କରି ଚମ୍ପା ଉତ୍ତର ଦେଲା, ଅଧ ରାତିରେ ହଠାତ୍ ମୋ ନିଦ ଭାଙ୍ଗିଗଲା । ମୁଁ ବାହାରକୁ ଆସି ଦେଖିଲି ସେ ବାବୁଙ୍କ ଘର କବାଟ ଠିଆ ମେଲା । ମତେ କାହିଁକି କେମିତିକାଟା ଲାଗିଲା । ସେଇଠୁ ମୁଁ ଘଟଣାଟା କଣ ଦେଖିବା ପାଇଁ ଉପରକୁ ଉଠିଲି ।

'ତୁମେ ଉପରକୁ ଗଲାବେଳେ ସିଡ଼ି କବାଟ ଖୋଲାଥିଲା ନା ବନ୍ଦ ଥିଲା ?'

'ଖୋଲାଥିଲା ।'

'ସେତେବେଳେ କେତେଟା ବାଜିଥିଲା ?'

'ସେକଥା ତ ମୁଁ କହି ପାରିବିନି ବାବୁ । ହେଲେ ସେତେବେଳକୁ ଗୋଟାଏ ରେଲଗାଡ଼ି ପୋଲରେ ପଡ଼ିଥିଲା ।'

'ତୁମେ ସେତେବେଳେ ଆଉ କାହାରିକୁ ସେ ଘରୁ ବାହାରିବାର ବା ଭିତରକୁ ଯିବାର ଦେଖିନ ?'

'ବାବୁ ମୁଁ... ।' ସେ ହଠାତ୍ ଅଟକିଗଲା ।

ମୁହଁରେ ହସ ଫୁଟେଇ ନାୟକବାବୁ କହିଲେ, 'ଭୟ କରନା, ସବୁ ସତ କହିଦିଅ । ତୁମେ ଖଲାସ ହୋଇଯିବ ।'

'ବାବୁ, ମୁଁ କାହାକୁ ଜଣକୁ ସେ ଘରୁ ବାହାରିବାର ଦେଖିଛି ।' ଡରି ଡରି ଚମ୍ପା କହିଲା ।

'ସେ ଜଣକ କିଏ ?'

'ମୁଁ ଅନ୍ଧାରରେ ଠିକ ଚିହ୍ନି ପାରିଲିନି ।'

'ସେ-ଘରୁ ବାହାରି ଲୋକଟି କୁଆଡେ ଗଲା ?'

'ସାନବାବୁଙ୍କ ଶୋଇବା ଘର ଆଡ଼େ ।'

'କିଶୋରବାବୁ ନିଜେ ନୁହନ୍ତି ତ ?'

'ମୁଁ ଠିକ୍ କହି ପାରିବିନି ବାବୁ ।'

'ତୁମେ ସେତେବେଳେ ତଳେ ଥିଲ ନା ଉପରେ ?'

'ଅଧା ସିଡ଼ିରେ ।'

'ତାପରେ ତୁମେ କଣ କଲ ?'

'ଡରି ଡରି ମୁଁ ଉପର ବାରଣ୍ଡାକୁ ଉଠିଲି । ଚାରିଆଡ଼କୁ ଚାହିଁ ଦେଖିଲି କେହି କୁଆଡ଼େ ନାହାନ୍ତି । ଢେପ ଢୋକି ସେ ପୁଣି କହି ଲାଗିଲା, 'ସେଇଠୁ ମୁଁ ସେଇ ନୂଆ ବାବୁଙ୍କ ଶୋଇବା ଘର ଆଡ଼େ ଗଲି । ଟିକିଏ ସମୟ ଦୁଆର ମୁହଁରେ ଠିଆ ହୋଇ ଡରି ଡରି ଭିତରକୁ ପଶିଲି । ଯାହା

ଦେଖିଲି, ସେଥିରେ ମୋ ଆଖି ଖୋସି ହୋଇଗଲା । ବାବୁ ଜଣକ ଚଉଡ଼ା ହୋଇ ତଳେ ପଡ଼ିଛନ୍ତି, ତାଙ୍କର ସୋର ଶବଦ ନାହିଁ । ଘରଯାକ କାଗଜଗୁଡ଼ାଏ ବିଛୁଡ଼ି ହେଇ ପଡ଼ିଚି । ଆଉ ଚଟାଣଟା ରକ୍ତରେ ଭାସୁଚି ।'

'ଅନ୍ଧାରରେ ତୁମେ ଏସବୁ ଦେଖିଲ କେମିତି ?'

'ମୁଁ ଡିଆସିଲି ମାରି ଦେଖିଲି ।'

'ତା ପରେ ତୁମେ କଣ କଲ ?'

'ବାରଣ୍ଡାକୁ ଆସି ଡାକ ପକେଇଲି ।'

'ହୁଁ' ଟିକିଏ ଚିନ୍ତାକରି ନାୟକବାବୁ ପୁଣି ପଚାରିଲେ, 'ଆଚ୍ଛା କାଲି ଅଧ୍ୟାପକଙ୍କ ସାଙ୍ଗେ କାହାରି କଳି ତକରାଳ ହୋଇଥିଲା କି ?'

'ନା ତ ।' ଟିକିଏ ରହି ଚମ୍ପା ପୁଣି କହିଲା, 'ତେବେ ଦେଈ ଦିନେ ସାନ ମା'ଙ୍କୁ କହୁଥିଲେ ଯେ କଲିକତାରେ ପଢ଼ୁଥିଲାବେଳେ କିଶୋରବାବୁ ଓ ସେଇ ବାବୁ ଜଣଙ୍କ ଭିତରେ ଥରେ ଦୁଇଥର କଳି ତକରାଳ ହୋଇଥିଲା ।'

'କାହିଁକି ?'

'ସେଇ ବାବୁ ଜଣଙ୍କ କୁଆଡେ ଆମ ଦେଈଙ୍କୁ ଅପମାନ ଦେଲେ ।'

'ଆଚ୍ଛା ତୁମେ ଏଥର ଯାଅ । କିଶୋର ବାବୁଙ୍କୁ ଡାକି ଦେବ ।'

ନାୟକ ବାବୁ ଭଲରୂପେ ଆଉଜି ବସିଲେ ।

ମୁଣ୍ଡ ହଲେଇ ଚମ୍ପା ଉଠିଗଲା । ପ୍ରାୟ ପାଞ୍ଚ ମିନିଟ ପରେ ପରଦା ଠେଲି କିଶୋର ଭିତରକୁ ଆସିଲେ । ବୟସ ଅନ୍ଦାଜ ପଚିଶ କି ଛବିଶ ହବ । ଛଅ ଫୁଟ ଉଚ୍ଚର ଗୋରା ମୋଟା ଗୋଟା ଦେହ ସାଙ୍ଗକୁ ଲମ୍ବା ମୁହଁଟି ବେଶ ମାନୁଚି । ଆସିବା ମାତ୍ରେ ହାତ ଯୋଡ଼ି ନମସ୍କାର ଜଣେଇ ସେ ଚୌକିଟିରେ ବସୁ ବସୁ ସିଗାରେଟ ଡବା ଖୋଲି ଧରିଲେ । ସମସ୍ତେ ସେଥିରୁ ଖଣ୍ଡିଏ ଖଣ୍ଡିଏ ନେଇ ନିଆଁ ଧରେଇଲେ ।

ଆଉ ନାୟକବାବୁ ଲକ୍ଷକରି ଦେଖିଲେ ସେଗୁଡ଼ିକ ଗୋଲ୍ଡଫ୍ଲେକ ଓ ପାଟି ବାଟେ ଧୂଆଁ ବାହାର କରୁ କରୁ ଆରମ୍ଭ କଲେ, 'ଆପଣ କାଲି ରାତିରେ ପିସ୍ତଲ ଫୁଟିବାର ଶବ୍ଦ ଶୁଣିଛନ୍ତି କି ?'

ନଂ........
ତା 17 JUL [illegible]

'ନା ।'

'ଠିକ୍ କରି ଭାବି ଦେଖନ୍ତୁ ।'

'ନା ମୁଁ ସେମିତି କିଛି ଶବ୍ଦ ଶୁଣିନି ।' ଭାବି ଚିନ୍ତି କିଶୋର ଉତ୍ତର ଦେଲେ ।

'କାଲି ରାତିରେ ଚୌଧୁରୀ ମହାଶୟଙ୍କ ସହିତ ଆପଣଙ୍କର କେଉଁବେଳେ ଶେଷ ଥର ପାଇଁ ଦେଖା ହୋଇଥିଲା ?'

'ରାତି ଆଠଟା ଦଶ ମିନିଟ ବେଳକୁ । ସେତେବେଳେ ଆମେ ସମସ୍ତେ ଉପର ମହଲା ବୈଠକଖାନାରେ ଥିଲୁ ।'

'ତା ପରେ ଆପଣଙ୍କର ତାଙ୍କ ସହିତ ଆଉ ଦେଖା ହୋଇନି ?'

'ନା ।' ସେ ମୁଣ୍ଡ ହଲେଇ ମନାକଲେ । 'ଠିକ୍ ସେତିକିବେଳକୁ ଗୋଟାଏ ବଡ଼ ଗଛ ଉପୁଡ଼ି ପଡ଼ିବାରୁ ବିଜୁଳି ସରବରାହ ବନ୍ଦ ହୋଇଗଲା । ତା ପରେ ଆମେ ଯିଏ ଯାହାର ଶୋଇବା ଘରକୁ ଉଠିଗଲୁ ।'

'ମୃତ ବ୍ୟକ୍ତିଙ୍କ ସହିତ ଆପଣଙ୍କର କେବେ ହେଲେ କୌଣସି କାରଣରୁ କଳିତକରାଳ ହୋଇଛି କି ?'

'ହତ୍ୟାକାଣ୍ଡ ସହିତ ଏହାର କି ସମ୍ପର୍କ ଥାଇପାରେ ମୁଁ ତ ଖୋଜି ପାଉନି ।'

'ଦେଖନ୍ତୁ, ମୁଁ ଖବର ପାଇଛି ଯେ କଲିକତାରେ ପଢୁଥିଲାବେଳେ ଆପଣଙ୍କର ଅଧ୍ୟାପକଙ୍କ ସହିତ ଅଳକାଙ୍କୁ କେନ୍ଦ୍ରକରି କେତେଥର କଳିତକରାଳ ହୋଇଛି ।' ସେ କିଶୋରଙ୍କୁ ସିଧା ସଳଖ ଚାହିଁଲେ ।

କିଶୋରଙ୍କ ମୁହଁ ଝାଳେଇଗଲା । ରୁମାଲରେ ମୁହଁ ପୋଛୁ ପୋଛୁ ସେ କହିଲେ, 'ସେତ ଅନେକ ଦିନ ତଳ କଥା । ସେତେବେଳେ ଅଳକା ଓ ମୁଁ ଉଭୟେ କଲିକତାରେ ପଢୁଥିଲୁ । ତା ସହିତ କାଲିକା ଘଟଣାର କଣ ସମ୍ପର୍କ ଥାଇପାରେ ?'

'କ୍ଷମା କରିବେ । ଆପଣଙ୍କ ପ୍ରଶ୍ନର ଉତ୍ତର ମୁଁ ବର୍ତ୍ତମାନ ଦେଇ ପାରୁନି ।' ଦମ ନେଇ ସେ ପୁଣି ପଚାରିଲେ, 'ଅଧ୍ୟାପକଙ୍କ ସହିତ ବଚସା ହବାର କାରଣ କଣ ?'

'ମୋଟା ମୋଟି ସେ ଭଦ୍ରତାର ସୀମା ଟପି ଅଲକାଙ୍କୁ ଅପମାନ ଦେଇଥିଲେ । ତେଣୁ ତାଙ୍କ ମୋ ଭିତରେ ଦୁଇଥର ବଚସା ହୋଇଥିଲା ।'

'ଦେଖନ୍ତୁ, କାଲି ରାତି ଅଧରେ ହାତରେ ଗୋଟାଏ ପିସ୍ତଲ ଧରି ମୃତ ବ୍ୟକ୍ତିଙ୍କ ଘରକୁ ଆପଣ ଯାଇଥିବାର ପ୍ରମାଣ ଆମେ ପାଇଛୁ ।' କିଶୋରଙ୍କ ଆଖିରେ ଆଖି ମିଳେଇ ନାୟକବାବୁ କହିଲେ ।

ଖବରଟାରେ କିଶୋରଙ୍କ ମୁହଁ ଶେତା ପଡ଼ିଗଲା । ସେ ମୂକଙ୍କ ପରି ବସି ରହିଲେ ।

ନାୟକବାବୁ ଜେରା କଲେ, 'ମୋ କଥାର ଉତ୍ତର ମିଳିଲାନି ଯେ ?'

କୌଣସିମତେ ନିଜକୁ ସମ୍ଭାଳି କିଶୋର କହିଲେ, 'ଅବଶ୍ୟ ମୁଁ ପିସ୍ତଲ ଧରି ଗଲା ରାତିରେ ଅଧ୍ୟାପକଙ୍କ ଘରେ ପଶିଥିଲି, କିନ୍ତୁ ସେତେବେଳକୁ ଅଧ୍ୟାପକ ମଲେଣି ।'

'ଅର୍ଥାତ୍ ଆପଣ ଅଧ୍ୟାପକଙ୍କୁ ହତ୍ୟା କରି ନାହାନ୍ତି ?'

'ନା ।'

'ତେବେ ପିସ୍ତଲ ନେଇ ଯାଇଥିଲେ କାହିଁକି ?'

'ତାଙ୍କୁ ଡରେଇବା ପାଇଁ ।'

'କାରଣ ?'

'ଯାହାର ଉତ୍ତର ମୁଁ ଦେବାକୁ ଚାହେଁନା ।'

'ଆପଣ ମୃତବ୍ୟକ୍ତିଙ୍କ କୋଠରୀକୁ ଗଲାବେଳେ ଉପର ମହଲା ସିଡ଼ି କବାଟ ଖୋଲାଥିଲା ନା ବନ୍ଦ ଥିଲା ?'

'ତା ମୁଁ ଲକ୍ଷ୍ୟ କରିନି ।'

'ଆଉ ଅଧ୍ୟାପକଙ୍କ ଘର କବାଟ ?'

'ଆଉଜା ଥିଲା ।'

ନାୟକବାବୁ ପୁଣି ଟିକିଏ ଚିନ୍ତା କରି ଜାଣିବାକୁ ଚାହିଁଲେ, 'ଆପଣ କଣ ସବୁବେଳେ ଏଇ ଗୋଲଡ଼ଫ୍ଲେକ ସିଗାରେଟ୍ ବ୍ୟବହାର କରନ୍ତି ?'

'ହଁ ।'

'ଆଉ ରମେଶବାବୁ ?'

'ସେ ମୋଟେ ସିଗାରେଟ ବ୍ୟବହାର କରନ୍ତିନ ।'

'ଅଧ୍ୟାପକ ନିଶ୍ଚୟ ସିଗାରେଟ ଟାଣୁଥିବେ ?'

'ହଁ ।'

'ସେ କେଉଁ ମାର୍କା ସିଗାରେଟ ବ୍ୟବହାର କରୁଥିଲେ ?'

'ନାଭେଲ—ଏ ।'

'ଆପଣ ବର୍ତ୍ତମାନ ଯାଇ ପାରନ୍ତି । ଦୟାକରି ଅଳକା ଦେବୀଙ୍କୁ ଟିକିଏ ଡାକି ଦେବେ ଓ ଆପଣଙ୍କ ପିସ୍ତଲଟା ପଠେଇ ଦେବେ ।'

ବିଦାୟ ସମ୍ଭାଷଣ ଜଣେଇ କିଶୋର ବାହାରିଗଲେ । ପ୍ରାୟ ତିନି ମିନିଟ ପରେ ଅଳକା ଆସିଲେ । ନାୟକବାବୁ ଦେଖିଲେ, ଅଳକାଙ୍କ ଦେହର ସବୁଜ ସିଲ୍କ ସାଢ଼ୀ ସାଙ୍ଗକୁ ବ୍ଲାଉଜ ଓ ଚପଲ ଠିକ ମାନୁଚି । ସୁନ୍ଦର ମୁହଁଟି ଆଭିଜାତ୍ୟ ଭରା । ଚଉଡ଼ା ଲମ୍ବା ଆଖି ଦୁଇଟି ଯେତେ ଯେମିତି ଉତ୍ତେଜନାରୁ କ୍ଲାନ୍ତ ହୋଇ ପଡ଼ିଛି ।

ହାତଯୋଡ଼ି ଅଭିବାଦନ ଜଣାଇ ଜଣାଇ କାହାର ନିର୍ଦ୍ଦେଶ ପ୍ରତି ଅପେକ୍ଷା ନ ରଖି ଖାଲିଥିବା ଚୌକିଟିରେ ବସି ଅଳକା କହିଲେ, 'ଏଇ ନିଅନ୍ତୁ କିଶୋରବାବୁଙ୍କ ପିସ୍ତଲ ।''

ନାୟକବାବୁ ପିସ୍ତଲ ଖୋଲି ଦେଖିଲେ । ଗୁଳି ଭରତି ପିସ୍ତଲଟିରୁ ଗୋଟିଏ ବୋଲି ଗୁଳି ବି ଖର୍ଚ୍ଚ ହୋଇନି । ଏଥର ସେ ସେଇଟିକୁ ପକେଟରେ ରଖି ଆରମ୍ଭ କଲେ, 'ଆପଣଙ୍କର ଅଧ୍ୟାପକଙ୍କ ସହିତ କେବେ ପରିଚୟ ହେଲା ?

'ଆଜିକୁ ପ୍ରାୟ ପାଞ୍ଚବର୍ଷ ତଳେ । ସେତେବେଳେ ମୁଁ କଲିକତାର ସ୍କଟିସ୍ ଚର୍ଚ୍ଚ କଲେଜରେ 1st yearରେ ପଢୁଥାଏ ।''

'ସେତେବେଳେ ଚୌଧୁରୀ ମହାଶୟ ଆପଣଙ୍କ ସହିତ କେବେ ଅସଦ୍ ବ୍ୟବହାର କରିଥିଲେ କି ?

ମୁଁ ଆପଣଙ୍କ ପ୍ରଶ୍ନଟା ଠିକ୍ ବୁଝି ପାରୁନି ।

'ମୋଟ ଉପରେ ମୁଁ ଖବର ପାଇଛୁ ଯେ କଲିକତାରେ ଥିଲାବେଳେ କିଶୋରବାବୁ ଓ ଅଧ୍ୟାପକଙ୍କ ଭିତରେ ଆପଣଙ୍କୁ ନେଇ କେତେଥର ବଚସା ହୋଇଛି ।'

'ତା ଠିକ୍ ।''

'ଯାହାର କାରଣ ?''

'ଅଧ୍ୟାପକ ମହାଶୟ ମୋ ମତ ବିରୁଦ୍ଧରେ ଆମ ବସାକୁ ଯିବା ଆସିବା କରିବାରୁ କିଶୋର ତାଙ୍କୁ ବାଧ୍ୟ ହୋଇ କଡ଼ା କଥା କହିଥିଲେ ।

'ଏଇ ବଚସାବେଳେ ଚୌଧୁରୀ ମହାଶୟଙ୍କୁ ପ୍ରାଣରୁ ମାରିଦବାକୁ କିଶୋରବାବୁ କେବେ ଧମକ ଦେଇଛନ୍ତି କି ?''

'ଦେଖନ୍ତୁ ଏ ସବୁ ଅନେକ ଦିନ ତଳ ଘଟଣା । ମୋର ଆଜି ଠିକ୍ ମନେ ପଡ଼ୁନି, ସେତେବେଳେ କିଶୋର ତାଙ୍କୁ କଣ କଣ କହିଥିଲେ ।''

କ୍ଷଣକାଳ ଚିନ୍ତା କରି ନାୟକବାବୁ ପୁଣି ପଚାରିଲେ, 'କାଲି ରାତିରେ ଉପର ମହଲାି ସିଡ଼ି କବାଟ ଖୋଲା ଥିଲା ନା ବନ୍ଦ ଥିଲା ?

'ସିଡ଼ି କବାଟ ମୁଁ ନିଜେ ଶୋଇବାକୁ ଯିବା ପୂର୍ବରୁ ବନ୍ଦ କରି ଯାଇଥିଲି ।''

'ଆପଣ କାଲି ରାତିରେ ପିସ୍ତଲ ଫୁଟିବାର ଶବ୍ଦ ଶୁଣିଛନ୍ତି ?'

'ନା ।'

'ଚମ୍ପା ଚିତ୍କାର କଲାବେଳେ, ଆପଣ କେଉଁଠି ଥିଲେ ?'

'ମୋ ଶୋଇବା ଘରେ ।'

'ତା ପାଟି ଶୁଣି ଆପଣ କଣ କଲେ ?'

'ଶବ୍ଦ ବାଉଳାରେ ମୁଁ ଶେଯରୁ ଉଠି ଆସିଲି ।'

'ଆପଣ ଚମ୍ପା ପାଖରେ ପହଞ୍ଚିଲା ବେଳକୁ ସେଠି ଆଉ କିଏ କିଏ ଥିଲେ ?''

'କିଶୋର ଓ ବାବା ।''

ନାୟକବାବୁ ଟେବୁଲ ଉପରକୁ ଆଙ୍ଗୁଠି ଟିକିଏ ଝୁଲି ପଡ଼ି ପ୍ରଶ୍ନ କଲେ, 'ଏ ଘରେ କିଏ କିଏ ସିଗାରେଟ ଟାଣନ୍ତି ?'

'କେବଳ କିଶୋର ।'

'ସେ କି ସିଗାରେଟ ବ୍ୟବହାର କରନ୍ତି ?'

'ଗୋଲ୍ଡଫ୍ଲେକ୍ ।'

'ଆପଣ କାଲି ଅଧ୍ୟାପକଙ୍କୁ କୌଣସି ସିଗାରେଟ ଯୋଗେଇ ଦେଇ ଥିଲେ କି ?'

'ହଁ, ମୁଁ ତାଙ୍କ ନିକଟକୁ ଗୋଟାଏ ଗୋଲ୍ଡଫ୍ଲେକ ସିଗାରେଟ ଟିଣ ପଠେଇଥିଲି; କିନ୍ତୁ ସେ ଏ ମାର୍କା ସିଗାରେଟ ବ୍ୟବହାର କରନ୍ତି ନାହିଁ ବୋଲି ଫେରେଇ ଦେଲେ । ସାଙ୍ଗକୁ ବି କହି ପଠେଇଲେ ଯେ ତାଙ୍କ ପାଖରେ ସିଗାରେଟ ଅଛି । ତେଣୁ ବ୍ୟସ୍ତ ହବା ଦରକାର ନାହିଁ ।'

'ବେଶ୍, ଆପଣ ଏଥର ଯାଇ ପାରନ୍ତି । ଟିକିଏ ହରିଆକୁ ପଠେଇ ଦେବେ ।' ନାୟକବାବୁ ପୁଣି ଆଉଜି ବସିଲେ ।

ଅଳକା ଥରୁ ଥରୁ ଜାଣିବାକୁ ଚାହିଁଲେ, 'କିଶୋରଙ୍କ ପିସ୍ତଲଟା ?'

'ସେଇଟା ତଦନ୍ତ ଶେଷଯାଏ ଆମ ପାଖେ ରହିବ ।"

'ଅଳକା ହାତଯୋଡ଼ି ବିଦାୟ ନେଲେ । ଟିକିଏ ପରେ ହରିଆ ଆସିଲା । ସେତେବେଳକୁ ସେ ଭୟରେ ଏକବାରେ ଛୋଟିଆ ହୋଇ ଯାଇଥାଏ । ନାୟକବାବୁ ତାକୁ ବୁଝାସୁଝା କରି ନାନା ଉପାୟରେ ପ୍ରଶ୍ନ କଲେ । ହେଲେ କିଛି ଅଧିକା ଖବର ମିଳିଲାନି । ସେଇ ଏକା କଥା । ସେ ବି ଗଲା ରାତିରେ ପିସ୍ତଲ ଫୁଟିବା ଶବ୍ଦ ଶୁଣିନି । ଖାଲି ଯାହା ଚମ୍ପାର ପାଟି ଶୁଣି ସେ ତଳୁ ଉପରକୁ ସପନ ସାଙ୍ଗେ ଧାଇଁ ଆସିଛି ।

ଅଗତ୍ୟା ନାୟକବାବୁ ହରିଆକୁ ବିଦାୟ ଦେଇ ଉଠିଲେ । ଏତିକି ବେଳକୁ ପରଦା ଟେକି ଅବିନାଶବାବୁ ଭିତରକୁ ଆସିଲେ । ଦେହରେ ଫିକା ଆକାଶ ରଙ୍ଗର ସୁଟ୍ଟା ଲମ୍ବା, ଚଉଡ଼ା, ଟାଉଁସିଆ ଦେହକୁ ଠିକ୍ ଖାପ୍ ଖାଉଥାଏ । ଆଖିରେ ମୋଟା କଳା ଫ୍ରେମ୍‌ର ଆଧୁନିକ ଅଳପ ନେଳିଆ ଚଷମା, ଖାଲି ଆଖିକୁ ମନେହୁଏ ବୟସ ପଚିଶ ପାଖାଆଖି ।

ଅବିନାଶବାବୁ ସାହେବୀ କାଇଦାରେ ଅଭିବାଦନ ଜଣେଇ ବସୁ ବସୁ ଆରମ୍ଭ କଲେ, 'ଅଯାଚିତ ଭାବରେ ଆସିଲି ବୋଲି କିଛି ମନେ କରିବେନି ।' ସେ Players No. 3 ସିଗାରେଟ ଟିଣଟି ଖୋଲି ଧରିଲେ ।

ନାୟକବାବୁ ସିଗାରେଟ୍ ଖଣ୍ଡେ ନେଇ ନେଇ ଆରମ୍ଭ କଲେ, 'ଆପଣ କଣ ଏଇ ମାର୍କା ସିଗାରେଟ୍ ସବୁବେଳେ ବ୍ୟବହାର କରନ୍ତି ?'

'ହଁ ।'

'ଆପଣ ମାନ୍ଦ୍ରାଜରୁ ଫେରୁଛନ୍ତି ବୋଲି ଶୁଣିଲି ।' ନାୟକବାବୁ ସିଗାରେଟ୍‌ରେ ନିଆଁ ଧରେଇଲେ ।

'ହଁ, ବ୍ୟବସାୟଗତ କେତେକ କାରଣରୁ ମାନ୍ଦ୍ରାଜ ଯାଇଥିଲି ।

'ଆପଣଙ୍କର ତେବେ ମାନ୍ଦ୍ରାଜରେ ବ୍ୟବସାୟ ଅଛି ?'

'ନା, ଗୋଟାଏ ଲୁଗାକଲର କେତେକ ସେୟାର କିଣିବା ଆଶାରେ ଯାଇଥିଲି ।'

'ସେୟାର କିଣିଲେ ?'

'ଦରଦାମ ପଟିଲାନି ।'

'କଲିକତା କେବେ ଫେରିବେ ?

'ଆଜି ଚାଲି ଯାଇ ଆଆନ୍ତି; କିନ୍ତୁ ଏ ଅସମୟରେ ଏମାନଙ୍କୁ ଛାଡ଼ି ଯିବାଟା ଅସୁନ୍ଦର ହେବ ।'

'ତା ଠିକ ।' ଟିକିଏ ରହି ନାୟକ ବାବୁ ପୁଣି ଜାଣିବାକୁ ଚାହିଁଲେ, 'କାଲି ଗାଡ଼ିରୁ ଓହ୍ଲେଇ ଆପଣ କଣ ସିଧା ସଳଖ 'ସ୍ୱପ୍ନପୁରୀ'କୁ ଆସିଲେ ?'

'ଠିକ ତା ନୁହେଁ ।' ପାଟି ବାଟେ ଧୂଆଁ ଛାଡ଼ି ଛାଡ଼ି ଅବିନାଶ ବାବୁ କହିବାକୁ ଲାଗିଲେ, 'କାଲି ରାତି ଝଡ଼ ବର୍ଷା ଯୋଗୁ ମୁଁ ତ ମୋଟେ ଆଶା କରି ନ ଥିଲି ଯେ ଏଠୁ ଷ୍ଟେସନକୁ ଗାଡ଼ି ଯାଇଥିବ ବୋଲି । ସେଥିପାଇଁ ଓହ୍ଲେଇବା ମାତ୍ରେ ମୁଁ ଆଗ ଫୋନ୍ କରିଦେଖିଲି ଏମାନେ ଶାନ୍ତି ନିଳୟରେ ଅଛନ୍ତି କି ସ୍ୱପ୍ନପୁରୀରେ । କାରଣ ସବୁ ଶନିବାର ଓ ରବିବାର ସ୍ୱପ୍ନପୁରୀକୁ ଯିବା ଏମାନଙ୍କର ଅଭ୍ୟାସ । ଫୋନ୍ କରି ଅଜାଣଲେ ମଧ୍ୟ କୋଉଠୁ

ହେଲେ ଜବାବ ମିଳୁନଥିଲା । ଶେଷକୁ ବାଧ୍ୟ ହୋଇ ଷ୍ଟେସନରେ ରାତିଟା ବିତେଇବାକୁ ସ୍ଥିର କରିଛି କି ନାହିଁ ଡ୍ରାଇଭର ମତେ ଓଲଟି ଖୋଜି ବାହାର କଲା ।'

'ହଉ ତେବେ ଆମେ ଏଥର ଆସୁ ।' ନାୟକ ବାବୁ ଉଠିଲେ ।

'ଆପଣଙ୍କୁ ଗୋଟାଏ ପ୍ରଶ୍ନ ପଚାରି ପାରେ କି ?'

'ନିଶ୍ଚୟ ।'

'ତଦନ୍ତ ସରିବାକୁ କେତେଦିନ ଲାଗିବ ?'

'ମୁଁ ଠିକ କହି ପାରୁନି ।'

'ଆସାମୀ ଧରା ପଡ଼ିବ ତ ?'

'ମୋର ତ ପୁରା ଆଶା ମୁଁ ହତ୍ୟାକାରୀକୁ ଧରି ପାରିବି । ଦେଖାଯାଉ ଶେଷ ପର୍ଯ୍ୟନ୍ତ କ'ଣ ହଉଛି ।' ଏଥର ଟୋପିଟି ମୁଣ୍ଡରେ ପିନ୍ଧି ସେ ଦୁଆର ମୁହଁକୁ ପାଦ ବଢ଼ାଇ ବଢ଼ାଇ କହିଲେ, 'ଆଚ୍ଛା, ନମସ୍କାର । ପରେ ସାକ୍ଷାତ ହେବ ବୋଲି ଆଶା ।' ନାୟକ ବାବୁ ସାଙ୍ଗ ସାଥୀଙ୍କୁ ଧରି ବାହାରି ଗଲେ ।

ଶାନ୍ତି ନିଳୟରୁ ବାହାରି ନାୟକ ବାବୁ ପ୍ରଥମେ ଷ୍ଟେନୋଗ୍ରାଫର ଓ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଜଣଙ୍କୁ ବିଦାୟ ଦେଇ ସିଧା ସଳଖ ରମେଶ ବାବୁଙ୍କ ଶାନ୍ତିନଗର ଘର ସ୍ୱପ୍ନପୁରୀରେ ପହଞ୍ଚିଲେ । ଦୁଆର ମୁହଁରେ ପହରା ଦେଉଥିବା ସିପାହୀଟି କାଇଦା ମୁତାବକ ସଲାମ ବଜେଇ ଦରଜା ଖୋଲି ଦେଲା ।

ନାୟକ ବାବୁ ଭିତରକୁ ପଶୁ ପଶୁ କହିଲେ—'ଏ ଘର ମାଲି ଅଛି ତ ?'

'ଆଜ୍ଞା ହଁ ।'

'ତାକୁ ଟିକିଏ ଡାକି ଦିଅ ।' ସେ ତଳ ମହଲା ବୈଠକଖାନାରେ ପଶିଲେ ।

ଟିକିଏ ପରେ ଡରି ଡରି ସପନ ଆସିଲା । ନାୟକ ବାବୁ ଲକ୍ଷ୍ୟ କଲେ ସପନ ସାଧାରଣ ମଣିଷ ଠାରୁ ଟିକିଏ କମ୍ ଉଚ୍ଚର । ଦେହର ରଙ୍ଗ ବବାକେ

କଳା । ମୁହଁର ଗଢ଼ଣ ବେଶ୍ ରୁକ୍ଷ । ପ୍ରଥମ ଦେଖାରେ ଯେ କୌଣସି ଲୋକ ଦୂରେଇ ଯିବ । ମୁଣ୍ଡ ବାଳରେ ଦେଖା ଦେଲାଣି ବୟସର ପ୍ରଭାବ; ଅଧା କଳା ଓ ବାକି ଅଧିକ ଧଳା ।

ନାୟକ ବାବୁ ତାଙ୍କୁ ବସିବାକୁ ଇସାରା ଦେଇ ଆରମ୍ଭ କଲେ—'ତୋ ନାଁ କ'ଣ ?'

'ସପନ ମଲିକ ।'

'ଦେଖ୍ ମୁଁ ତତେ କେତେଗୁଡ଼ିଏ ପ୍ରଶ୍ନ ପଚାରିବି । ସେଗୁଡ଼ିକର ଠିକ ଠିକ ଉତ୍ତର ଦବୁ ।'

'ହଁ ବାବୁ ।' ସପନ ମୁଣ୍ଡ ହଲେଇଲା ।

'ତୁ ଏ ଘରେ ସବୁଦିନେ ରହୁ—ନୁହେଁ ?'

'ହଁ ବାବୁ ।'

'ଏ ଘରେ କଣ ସବୁ ଦିନେ କିରାସିନି ମହଜୁଦ ଥାଏ ?'

'ହଁ ଆଜ୍ଞା, କେବେ କେମିତି ବିଜୁଳି ଆଲୁଅ ଲିଭିଗଲେ ଅସୁବିଧା ହୁଏ ବୋଲି ଲ୍ୟାମ୍ପ ଆଉ କିରାସିନି ରଖିବା ପାଇଁ ବାବୁଙ୍କ ଆଦେଶ ଅଛି ।'

'ଯା ଭିତରେ ତୁ କେବେ ପିମ୍ପୁଡ଼ି ମାରିବା ପାଇଁ କିରାସିନି ଢାଳିଥିଲୁ ?'

'ନା ତ ।'

'ଭଲ କରି ମନେ ପକା । କାଲି କି ପଅରଦିନ କୋଉଠି ପିମ୍ପୁଡ଼ି ମନ୍ଦାରେ କିରାସିନି ଢାଳିନୁ ?'

'ନା ବାବୁ ।'

'ଆଉ କିଏ ଏଠି ବଗିଚାରେ ତେଲ ଢାଳିବାର ଦେଖିଚୁ ?'

'ନା ।'

'କିରାସିନି କୋଉଠି ରୁହେ ?'

'ମୋ ଶୋଇବା ଘରେ ।'

'ତୁ କୋଉଠି ଶୋଉ ?'

'ହେଇ ସେ ବାହାର ଘରେ ।' ହାତ ଇସାରାରେ ସପନ ବାହାର ଘରଟା ଦେଖେଇ ଦେଲା ।

ନାୟକ ବାବୁ ଖୋଲା ଝରକା ଦେଇ ବଗିଚା ଭିତର ଛୋଟ ଘରଟିକୁ ଦେଖି ସାରି କହିଲେ—'ତେବେ ତତେ ନ କହି ସେ ଘରୁ କେହି କାଗଜ ନେଇ ପାରିବେନି ?'

'ମତେ ନ କହି ସେ ଘରୁ କିଏ କଣ ନେବ ? ଚାବି ତ ମୋ ପାଖରେ ।'

'କାଲି ରାତିରେ ଆଲୁଅ ଲିଭିବାର କେତେ ସମୟ ପରେ ତୁ ଲ୍ୟାମ୍ପ ଜଳେଇ ଆଣିଲୁ ?'

'ସାଙ୍ଗେ ସାଙ୍ଗେ ବାବୁ ।' ସପନର ଭୟ ସେତେବେଳକୁ ଅନେକଟା କମି ଗଲାଣି ।

'ଏତେ ଚଞ୍ଚଳ ତେଲ ପୂରେଇ ଆଲୁଅ ଜଳେଇଲୁ କେମିତି ?'

'ଝଡ଼ ବର୍ଷା ଆରମ୍ଭ ହେଲା ମାତ୍ରେ ମୁଁ ଲ୍ୟାମ୍ପ ଗୁଡ଼ାକରେ ତେଲ ପୂରେଇ ଆଣି ଏଠି ରଖିଥିଲି । କାହିଁକି ନା ତୋଫାନବେଳେ ବେଶୀ ଆଲୁଅ ଖରାପ ହୁଏ ।'

'ସବୁ ଲ୍ୟାମ୍ପରେ ତୁ କଣ ତେଲ ଏକବାରେ ପୂର୍ଣ୍ଣ କରି ଆଣିଥିଲୁ ?'

'ହଁ ଆଜ୍ଞା ।'

ଟିକିଏ ଚିନ୍ତା କରି ନାୟକ ବାବୁ ପୁଣି ପଚାରିଲେ, 'କାଲି ରାତିରେ ତୁ କୋଉଠି ଶୋଇଥିଲୁ ?'

ସପନ ମୁହଁ ପୋତି ତୁନି ରହିଲା ।

ତାକୁ ଭାବିବାକୁ ସମୟ ନ ଦେଇ ନାୟକ ବାବୁ କହିଲେ, 'ମୋ କଥାର ଜବାବ ଦଉନୁ ଯେ ?'

'ବାବୁ କାଲି ରାତିରେ ମୁଁ ଏଇ ତଳ ଘରେ ଶୋଇଥିଲି ।' ଡରି ଡରି ସେ ଉତ୍ତର ଦେଲା ।

'କାହିଁକି ?'

'ବଡ଼ ବାବୁ କହିଥିଲେ ।'

'ବଡ଼ ବାବୁ କାହିଁକି କହୁଲେ ?'

ସପନ ପୁଣି ମୁହଁ ପୋତି ଚୁପ୍ ହେଲା ।

ନାୟକ ବାବୁ ଏଥର କଅଁଳ ସ୍ୱରରେ କହିଲେ—'ଦେଖ, ଯାହା ଜାଣୁ ସତ ସତ କହିଦେ; ନ ହେଲେ ପଛକୁ ମିଛଟାରେ ଜେଲ ଯିବୁ ସିନା !'

ଡରି ଡରି ସପନ ଉତ୍ତର ଦେଲା, 'ଆଜ୍ଞା, ବଡ଼ ବାବୁ କହୁଥିଲେ ଏଇ ତଳ ଘରେ ରାତି ତମାମ ଜଗି ବସିବାକୁ ।'

'କାହିଁକି ?'

'ଆଉ ବଡ଼ ବାବୁ କହୁଥିଲେ, ସେ ଯୋଉଟା ସୂତା ବାନ୍ଧି ତଳକୁ ଝୁଲେଇ ଦେବେ ସେଇଟାକୁ ନେଇ ମୋ ଘରେ ଲୁଚେଇ ଦବାକୁ ।'

'ବଡ଼ ବାବୁ କଣ ସୂତା ବାନ୍ଧି ତଳକୁ ଝୁଲେଇଲେ ?'

'ଗୋଟାଏ ଗ୍ଲେଟିଆ ବନ୍ଧୁକ ।'

'ତୁ ସେଇଟାକୁ ନେଇ କଣ କଲୁ ?'

'ବନ୍ଧୁକ ଦେଖି ମତେ ଡର ଲାଗିଲା ବାବୁ । ମୁଁ ସେଇଟାକୁ ବଗିଚାର ଗୋଟାଏ ଝଙ୍କାଳିଆ ଗଛ ମୂଳେ ଲୁଚେଇ ଦବାକୁ ବାହାରିଲି ।' ସପନ କଣ ଭାବି ଚୁପ ହେଲା ।

ନାୟକ ବାବୁ ସାଙ୍ଗେ ସାଙ୍ଗେ ପଚାରିଲେ—'ସେଇଠୁ ?'

'ଘର ପଛ ପଟକୁ ଆସି ଯାହା ଦେଖିଲି, ସେଥିରେ ମୁଁ ଡରି ଗଲିଆଁ । ଭୟରେ ସେଇ ବନ୍ଧୁକଟାକୁ ଅଧ ବାଟରେ ଫୋପାଡ଼ି ଦେଇ ଆସି କବାଟ କଲି ଘରେ ପଶିଲି ।'

'ବଗିଚାରେ କଣ ଦେଖି ତୁ ଭୟ ପାଇଲୁ ?'

'ଭୂତ ।'

'ଭୂତ ?' ନାୟକ ବାବୁ ଆଶ୍ଚର୍ଯ୍ୟ ହେଲେ ।

'ହଁ ବାବୁ । ମଶାଣିଟା ଖୁବ ପାଖ କିନା । ସେଇଥି ପାଇଁ ସମସ୍ତେ ମତେ କୁହନ୍ତି, ଏ ଘରେ ଭୂତ ଅଛି । ହେଲେ ବାବୁ ପନ୍ଦର ବର୍ଷ ଏଇ

ଘରେ ଏକାଟିଆ ରହିଲିଣି; କେବେ ଆଖି ସାମନାରେ ଭୂତ ଦେଖି ନଥିଲି ।
କାଲି ରାତିରେ ପ୍ରଥମ କରି ଭୂତ ଦେଖିଲି ।'

'ସେ ଭୂତଟା କେମିତିକା ଦେଖିବାକୁ ?'

'ଗୋଟାଏ କଳା ଗାଈ ପରି ।'

'ତା ମୁହଁ ଦେଖିଚୁ ?'

'ନା ବାବୁ ମୁଁ ଗଲାବେଳକୁ ସେ ଗୋଟାଏ ଗଛ ଉହାଡ଼ରୁ ବାହାରି ମଶାଣି ଆଡ଼କୁ ଚାଲିଗଲା ।'

'ଭୂତଟା ତୋଠୁ କେତେ ଦୂରରେ ଥିଲା ?'

'ଶହେ ହାତ ଦୂରରେ ।'

'ଏତେ ଦୂରରୁ ତୁ ଅନ୍ଧାରରେ କେମିତି ଦେଖିଲୁ ?'

'ବିଜୁଳି ଆଲୁଅରେ ମତେ ଖାଲି ଗୋଟେ ଗାଈ ପରି ଜଣାଗଲା ।'

'ସେତେବେଳକୁ ବର୍ଷା ହେଉଥିଲା ?'

'ଖୁବ୍ ଜୋରରେ ଆଜ୍ଞା ।'

'ସେତେବେଳକୁ କେତେଟା ବାଜିଥିଲା ?'

'ମୁଁ କହି ପାରିବିନି ବାବୁ ।'

'ଘାର କେତେ ସମୟ ପରେ ଚମ୍ପା ପାଟି କଲା ?'

'ଅନେକ ସମୟ ପରେ ।'

'ତା ପରେ ତୁ କ'ଣ କଲୁ ?'

'ମୋ ଘରକୁ ଆସି କବାଟ କିଳି ଶୋଇଲି ।'

'ହଉ, ତୁ ଏଥର ତୋ କାମରେ ଯା ।'

ସପନ ଉଠୁ ଉଠୁ ଜାଣିବାକୁ ଚାହିଁଲା, 'ବାବୁ ମୋର କିଛି ଦୋଷ ନାହିଁ । ମୁଁ ଯାହା ଜାଣେ ସବୁ କହିଲି । ମତେ ଏଥିରୁ ବଞ୍ଚାଅ ।'

ନାୟକବାବୁ ଆଶ୍ୱାସନା ଦେଲେ, 'ଆରେ ନାହିଁ ତୋର କିଛି ହବନି । ତେବେ ଏଇଲାଗେ ମତେ ଯାହା ଯାହା କହିଲୁ, ସେଗୁଡ଼ାକ ପରେ ଠିକ୍ ଠିକ୍ କଚେରୀରେ କହିବୁ ତ ?'

'ହଁ ବାବୁ ।'

'ଏଥର ତୁ ଯା ।'

ସପ୍‌ନ ଭାଙ୍ଗିଗଲା । ନାୟକବାବୁ ବିଳମ୍ବ ନ କରି ସ୍ୱପ୍ନପୁରୀର ପ୍ରତ୍ୟେକଟି କୋଠରୀ ବୁଲି ବୁଲି ତନଖି କରିବାରେ ଲାଗିଲେ । ତଳ ମହଲାର ଗୋଟିଏ ପରେ ଗୋଟିଏ କୋଠରୀ ଖୋଜି ସାରି ଶେଷକୁ ସେ ବାଡ଼ି ଦରଜା ପାଖ ଘର ଭିତରେ ପଶିଲେ । ଷ୍ଟୋର ଘର ବଖରାଟିରେ ଖଣ୍ଡିଏ କାଠ ଖଟ ଛଡ଼ା ଆଉ କିଛି ନ ଥାଏ । ତେଣୁ ଘରଆଡ଼କୁ ଥରେ ଚାହିଁ ଦେଇ ସେ କବାଟ ବନ୍ଦ କରି ଫେରି ଆସିବାକୁ ବସିଲେ । ହଠାତ୍ ଖଟ ତଳକୁ ତାଙ୍କର ଆଖି ପଡ଼ିଗଲା । ସେ ଆଗେଇ ଯାଇ ଦରପୋଡ଼ା ସିଗାରେଟ ଖଣ୍ଡକ ଗୋଟେଇ ଆଣି ପକେଟରେ ରଖି ରଖି ଉପର ମହଲାକୁ ବାହାରିଲେ ।

ଉପରକୁ ଉଠୁ ଉଠୁ ସେ ଭାବି ଦେଖିଲେ, ମୃତ ବ୍ୟକ୍ତିଙ୍କ ଶୋଇବା ଘରଟି ପ୍ରକୃତରେ ରମେଶ ବାବୁଙ୍କର ପଢ଼ାଘର । ଆଉ ଗଲା ରାତିରେ ସେ ଲକ୍ଷ କରିଛନ୍ତି ଯେ ଥାକରେ ଥିବା ପ୍ରତ୍ୟେକଟି ବହି ନମ୍ବର ଦିଆ । ସେଥିରୁ ଖଣ୍ଡିଏ ଅଧ୍ୟାପକ କାଢ଼ି ଆଣି ପଢ଼ୁଥିଲେ; କିନ୍ତୁ ସେଟିକୁ ପୁଣି ଥରେ ଯଥା ସ୍ଥାନରେ ରଖିଦବା ପାଇଁ ତାଙ୍କୁ ସୁଯୋଗ ମିଳିନ । ତଥାପି ଥାକଗୁଡ଼ିକ ବହିରେ ପୂର୍ଣ୍ଣ । କୌଣସିଠି ହେଲେ ଅଧିକା ଫର୍ଦ୍ଦେ କାଗଜ ରଖିବାକୁ ଯାଗା ଖାଲି ନାହିଁ । ତେବେ ଥାକରୁ ବହିଟି କାଢ଼ି ସେ ଯାଗାରେ ଅଧ୍ୟାପକ କଣ ରଖିଛନ୍ତି ?

ପ୍ରଶ୍ନଟି ମନରେ ଉଠିବା ମାତ୍ରେ ନାୟକବାବୁ ଯୋର ଯୋରରେ ପାଦ ପକେଇ ଉପରକୁ ଉଠି ଲାଗିଲେ । ସ୍ୟାଙ୍କୁ ଦେଖିବା ମାତ୍ରେ ପହରାରେ ଥିବା ସିପାହୀଟି ସଲାମ ବଜେଇ ବାଟ ଛାଡ଼ି ଠିଆ ହେଲା । ନାୟକବାବୁ କବାଟ ଖୋଲି ଭିତରକୁ ପଶି ଟିକିନଖି କରି ବହି ଥାକତକ ପରୀକ୍ଷା କରିବାକୁ ଲାଗିଲେ । ପ୍ରାୟ ଅଧଘଣ୍ଟାକ ପରେ ସେ ଖଣ୍ଡିଏ ଅପେକ୍ଷାକୃତ ବଡ଼ କଳା ମଲାଟ ଓ ନମ୍ବର ଲାଗି ନ ଥିବା ବହି ବାହାର କଲେ । ସେଟିକୁ ଖୋଲିବା ମାତ୍ରେ ସେ ଜାଣିଲେ ଯେ ସେଇଟି ଗୋଟିଏ ଚିଠିଲେଖା ପ୍ୟାଡ଼ । ଭିତରେ ଲେଖିବାର ସବୁ ସରଞ୍ଜାମ ମହଜୁଦ ଅଛି; କାଗଜ ଓ ଲଫାଫାଠାରୁ

ଆରମ୍ଭ କଲ ଡାକ ଟିକଟ ଯାଏ । ଟିକଏ ପରେ ସେ ଖଣ୍ଡେ ଟିକଟ ଲଗା ଓ ଠିକଣା ଲେଖା ମୁଦା ଲଫାଫା ଭିତରୁ ଖୋଜି ବାହାର କଲେ । ସେ ଦେଖିଲେ ଲଗିଥିବା ଟିକଟଟିରେ ମୋହର ବସିନ ଓ ଉପରେ କଲିକତାର ଜନୈକ ରାମମୋହନ ବାନାର୍ଜି, ୧୯୯ ନମ୍ବର ଅପର ସାର୍କୁଲାର ରୋଡ଼ଙ୍କ ଠିକଣା ଲେଖାଅଛି । ବୋଧହୁଏ ମୃତବ୍ୟକ୍ତି ଗଲ ରାତରେ ଏଇ ଚିଠିଟି ଲେଖିଛନ୍ତି । ତେଣୁ ସେ ବିଳମ୍ବ ନ କରି ଲଫାଫା ଚିରି ଭିତରୁ ଦୁଇ ଖଣ୍ଡ କାଗଜ ବାହାର କଲେ । ସେ ଦୁଇଟି ଭିତରୁ ଖଣ୍ଡିଏ ଛୁଟି ଦରଖାସ୍ତ ଓ ଅନ୍ୟଟି ବନ୍ଧୁଙ୍କ ନିକଟକୁ ଲେଖା ଚିଠି । ସେ ଦରଖାସ୍ତଟି ଆଡ଼େଇ ରଖି ଚିଠି ପଢ଼ିବାକୁ ଲଗିଲେ ।

ପ୍ରିୟ ବନ୍ଧୁ,

ବାଧ ହୋଇ ମତେ ଆହୁରି ଦୁଇଦିନ ଏଠି ରହିବାକୁ ପଡ଼ୁଛି । ତେଣୁ ଅଧିକା ଦୁ' ଦିନ ଛୁଟି ପାଇଁ ଦରଖାସ୍ତ ପଠେଇଲି । ଦୟାକରି ଅଫିସରେ ଦେଇଦେବ ।

'ହଁ, ରମେଶବାବୁ ପ୍ରଥମେ ମୋଟେ ଧରା ଛୁଆଁ ଦେଉ ନ ଥିଲେ; କିନ୍ତୁ ମୋ ପାଖରେ ଥିବା ପ୍ରମାଣଗୁଡ଼ିକର କିଛି ଅଂଶ ନିଜେ ଦେଖିବା ପରେ ସେ ତାଙ୍କର ମତ ବଦଳେଇବାକୁ ବାଧ ହୋଇଛନ୍ତି । ତଥାପି ମୁଁ ଗୋଟାଏ ଭୁଲ କରିଛି । ପ୍ରମାଣଗୁଡ଼ିକର ଫଟୋ କପି ମୋର ଆଣିବା ଉଚିତ ଥିଲା । ତା ନ କରି ମୁଁ ପ୍ରକୃତ ପ୍ରମାଣଗୁଡ଼ିକ ନେଇ ଆସିଛି । ତେଣୁ ଏବେ ମୋ ହାତରୁ ଖସି ଗଲେ ରମେଶବାବୁ ବି ମୋ ମୁଠାରୁ ଖସିଯିବେ । ପୁଣି ମୋର ଯେତେଦୂର ମନେହୁଏ ରମେଶବାବୁ ଏତିକ ମୋ ହାତରୁ କୌଣସି ଉପାୟରେ ଖସେଇ ନବା ଚେଷ୍ଟାରେ ଅଛନ୍ତି ।

ଆଉ ଗୋଟାଏ କଥା । ଏଇ କେତେ ସମୟ ତଳେ ସ୍ତ୍ରୀଲୋକ ଦୁଧ ଗିଲାସେ ଆଣି ଥୋଇ ଦେଇଗଲା । ସେ ଓଢ଼ଣାଟା ଏତେ ଟାଣି ଦେଇଥିଲା ଯେ ମୁହଁ ଠିକ୍ ଦେଖି ପାରିଲିନି । ତେବେ ତାର ଭାବ ଭଙ୍ଗୀ ଦେଖି ମୋର ଜଣେ ପୂର୍ବ ପରିଚିତା ପରି ମନେ ପଡ଼ୁଛନ୍ତି । କାଲି ଏ ବିଷୟରେ ଖୋଜ ଖବର ନେବି । ଯଦି ମୋର ଅନୁମାନ ସତ ହୋଇଥାଏ, ତେବେ

ନିକଟ ଭବିଷ୍ୟତରେ ଏଠି ଗୋଟାଏ ବଡ଼ ଧରଣର ଗୋଲମାଲ ଘଟିବ ବୋଲି ମୋର ବିଶ୍ୱାସ ।

ଆଜି ଏତିକି । ଆଉ ସବୁ ମୁଁ ଗଲେ କହିବି । ଏଥର ମୁଁ ଶୋଇବାକୁ ଯାଉଛି । ଇତି ।

—ସୁରେନ—

ପଢ଼ିସାରି ସେ ଚିଠିଲେଖା ଖାତାଟି ସହ ଥାନାକୁ ବାହାରିଲେ । ଥାନାରେ ପହଂଚିବା ମାତ୍ରେ ସେ ଜଣେ ସିପାହୀକୁ ଲକ୍ଷ୍ୟ କରି କହିଲେ, 'ଅମରବାବୁଙ୍କୁ ଡ଼ାକିଦିଅ ।'

ଟିକିଏ ପରେ ସବ୍ ଇନ୍‌ସପେକ୍ଟର ଅମରବାବୁ ନାୟକବାବୁଙ୍କ କୋଠରୀକୁ ଆସି କାଇଦା ମୁତାବକ ଉପର ହାକିମଙ୍କୁ ଅଭିବାଦନ ଜଣେଇଲେ ।

ନାୟକ ବାବୁ ଉତ୍ତରରେ କହିଲେ, 'ବସ ।'

ଅମରବାବୁ ସାମନା ଚୌକିରେ ବସିଲେ ।

ନାୟକବାବୁ ଏଥର ପଚାରିଲେ, 'ଡ଼ାକ୍ତର ମାଇନା ରିପୋର୍ଟ ଆଣିଲେ ?'

'ନା, ପୂରା ରିପୋର୍ଟ କାଲି ମିଳିବ । ତେବେ ମୁଁ ଡ଼ାକ୍ତରବାବୁଙ୍କ ସାଙ୍ଗେ ଦେଖା କରି ସବୁ ବୁଝି ଆସିଛି ।'

'ଡ଼ାକ୍ତରବାବୁଙ୍କ ମତ କଣ ?'

'ତାଙ୍କ ମତରେ ରାତି ନଅଟାଠାରୁ ସକାଳ ଛଅଟା ଭିତରେ ଏଇ ହତ୍ୟାକାଣ୍ଡ ଘଟିଛି ଏବଂ ହତ୍ୟାକାରୀ ଅତି ନିକଟରୁ ଗୁଳି ମାରିଛି । ଆଉ ମଧ୍ୟ କେହି ଅଧ୍ୟାପକ ମହାଶୟଙ୍କୁ ପୂର୍ବରୁ ନିଦ ଔଷଧ ଖୁଆଇ ଦେଇଥିଲା ।'

'ଦୁଧ ଗିଲାସରୁ କିଛି ମିଳିଲା ?'

'ହଁ, ଦୁଧ ସାଙ୍ଗେ ଗୋଳେଇ ନିଦ ଔଷଧ ପ୍ରୟୋଗ କରାଯାଇଛି ଓ ସେଇ ଔଷଧର କିଛି ଅଂଶ ଗିଲାସ ତଳେ ଲାଗିଥିବା ଦୁଧରୁ ମିଳିଛି ।

'ତେବେ ପ୍ରକୃତରେ କାହା ପ୍ରକୋପରୁ ମୃତ୍ୟୁ ଘଟିଛି ବୋଲି ଡ଼ାକ୍ତର-ବାବୁ ମତ ଦେଉଛନ୍ତି ? ନିଦ ଔଷଧ ନା ପିସ୍ତଲ ଗୁଳି ?'

'ପିସ୍ତଲ ଗୁଳି, ନିଦ ଔଷଧ କେବଳ ମୃତ ବ୍ୟକ୍ତିଙ୍କୁ ଶୁଆଇ ଦେବା ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଥିଲା ।'

'ହୁଁ ।' ନାୟକ ବାବୁ କିଛିକ୍ଷଣ ଚିନ୍ତା କରି ପୁଣି ପଚାରିଲେ, 'ନବୀନ ବାବୁ ଅଛନ୍ତି ?'

'ନା, ସେ ଖାଇବାକୁ ଯାଇଛନ୍ତି ।'

'ଟିପ ଚିହ୍ନ ବିଷୟରେ ତାଙ୍କଠୁ କିଛି ବୁଝିଲେ ?'

'ହଁ, ନବୀନ ବାବୁ କହୁଥିଲେ, ମୃତବ୍ୟକ୍ତିଙ୍କ କୋଠରୀରୁ କିଶୋର ବାବୁ, ରମେଶ ବାବୁ ଓ କେହି ଜଣେ ହାତ ମୋଜା ପିନ୍ଧିଥିବା ଲୋକର ଟିପ ଚିହ୍ନ ମିଳିଛି ।'

'ଆଉ ବାଡ଼ି ଦରଜାରୁ ?'

'ରମେଶ ବାବୁଙ୍କ ଘର ଚାକର ସୁନ୍ଦରମଣି ସାମନ୍ତଙ୍କ ଟିପ ଚିହ୍ନ ମିଳିଛି ଓ ଏଥି ସହିତ ଜଣେ ହାତ ମୋଜା ପିନ୍ଧା ଲୋକର ଟିପ ଚିହ୍ନ ବି ଅଛି ।'

'ଅଧ୍ୟାପକଙ୍କ ସୁଟ୍‌କେଶରୁ କିଛି ମିଳିଲା ?'

'କେବଳ ରମେଶ ବାବୁ, ଅଧ୍ୟାପକ ଓ ସେହି ହାତ ମୋଜା ପିନ୍ଧା ଲୋକଟିର ଟିପ ଚିହ୍ନ ଅଛି ।'

ଏତିକି ବେଳକୁ ହାବିଲଦାର ମୋହନ ଭିତରକୁ ଆସି ଉପର ହାକିମଙ୍କୁ ସାଲ୍ୟୁଟ ଦେବା ସଙ୍ଗେ ସଙ୍ଗେ ଖବର ଦେଲା, 'ରମେଶ ବାବୁଙ୍କ ଧୋବା ଆସିଛି ସାର ।'

'ତାକୁ ଏଇଠିକୁ ପଠେଇ ଦିଅ ।' ପରେ ପରେ ସେ ଅମରଙ୍କୁ ଲକ୍ଷ୍ୟ କରି କହିଲେ, 'ଅଚ୍ଛା, ତୁମେ ଏଥର ଯାଅ । ସନ୍ଧ୍ୟାବେଳକୁ ମୋ ସାଙ୍ଗେ ଟିକିଏ ଦେଖା କରିବ ।'

ଅମର ବାହାରି ଗଲେ, ଟିକିଏ ପରେ ମୋହନ ସାଙ୍ଗରେ ଧୋବା ବିଚରାକୁ ଆଣି ନାୟକବାବୁଙ୍କ ପାଖେ ଛାଡ଼ି ଦେଇଗଲା । ନାୟକବାବୁ ତାକୁ ବସିବାକୁ ନିର୍ଦ୍ଦେଶ ଦେଇ ପଚାରିଲେ, 'ତୋ ନାଁ କ'ଣ ?'

'କୃଷ୍ଣ ସେଠି — ସମସ୍ତେ କୁସିଆ ବୋଲି ଡାକନ୍ତି ।' ଧୋବାଟି ଡରି ଡରି ଉତ୍ତର ଦେଲା ।

'ତୁ ରମେଶବାବୁଙ୍କ ଘର ଲୁଗା କାଚୁନା ?'

'ହଁ ବାବୁ ।'

ଏଥର ନାସ୍ତିକବାବୁ ଟେବୁଲ୍ ଡ୍ରୟାରରୁ ସ୍ୱପ୍ନପୁରୀ ଚଟିଘରୁ ମିଳିଥିବା ହାତ ମୋଜା ଦୁଇଟି କାଢ଼ି କୁଶିଆ ହାତକୁ ବଢେଇ ଦେଇ ଦେଇ କହିଲେ, 'ଏ ଦି'ଟା କାହାର ଚିହ୍ନୁ ତ ।'

କୁଶିଆ ଅଳିଆ ହାତରେ ସେ ଦୁଇଟି ନେଇ କିଛିକ୍ଷଣ ଓଲଟ ପାଲଟ କରି ଦେଖି ସାରି କହିଲା, 'ବଡ ବାବୁଙ୍କର ।'

'ମାନେ ରମେଶବାବୁଙ୍କର ?'

'ହଁ ଅଜ୍ଞା ।'

'କେମିତି ଚିହ୍ନିଲୁ ? କିଶୋର ବାବୁଙ୍କର ନୁହେଁ ?'

'ନାଇଁ ଅଜ୍ଞା । ସାନବାବୁଙ୍କର ମୋଟେ ହାତ ମୋଜା ନାହିଁ । ଖାଲି ବଡ଼ ବାବୁଙ୍କର ସାତ ଆଠ ଯୋଡ଼ା ହାତ ମୋଜା ଅଛି ।'

'ଆଚ୍ଛା ତେବେ ତୁ ଯା । ପରେ ଦରକାର ହେଲେ ତତେ ମୁଁ ଡକେଇବି ।'

କୁଶିଆ ହାତ ଯୋଡ଼ି ନମସ୍କାର କରେଇ ବାହାରି ଗଲା । ନାସ୍ତିକବାବୁ ସାମନା କାନ୍ଥ ଘଣ୍ଟାକୁ ଚାହିଁ ଦେଖିଲେ ଦିନ ଦି'ଟା ବାଜି ଗଲାଣି । ସାଙ୍ଗେ ସାଙ୍ଗେ ତାଙ୍କର ମନେ ପଡ଼ିଗଲା ଯେ ସକାଳେ ଘରୁ ବାହାରିବା ପୂର୍ବରୁ ପିଇଥିବା ଦି' କପ ଚା ଆଉ କିଛି ଏ ଯାଏ ପେଟରେ ପଡ଼ିନି । ସାଙ୍ଗେ ସାଙ୍ଗେ ସେ ଟୋପିଟି ଧରି ବାହାରିଲେ ।

ଏତିକିବେଳକୁ ଜଣେ ମଝିଆ ଉଚ୍ଚର କଳା ପ୍ରୌଢ଼ ଭଦ୍ରଲୋକ ଭିତରକୁ ପଶି ଆସି କହିଲେ, 'ନମସ୍କାର ।'

ନାସ୍ତିକବାବୁ ଆଗନ୍ତୁକଙ୍କୁ କ୍ଷଣକାଳ ଅବାକ୍ ହୋଇ ଚାହିଁ ହାତ ଯୋଡ଼ି ପ୍ରତି ନମସ୍କାର ଜଣାଇ ଜଣାଇ କହିଲେ, 'ଆପଣ କିଏ ସେ ମୁଁ ତ ଚିହ୍ନି ପାରୁନି ।'

ଆଗନ୍ତୁକ ଜଣକ ଉତ୍ତର ଦେଲେ, 'ମୋ ନାଁ ଶ୍ରୀ ମୋହନ ମହାପାତ୍ର ଓ ମୁଁ ମଙ୍ଗଳାବାଟର ମହାପାତ୍ର ଆଣ୍ଡ ସନ୍ସର ମାଲିକ ।'

'ଆପଣଙ୍କ ଫାର୍ମ ବନ୍ଧୁକ, ଗୁଳି ଇତ୍ୟାଦିରେ ବ୍ୟବସାୟ କରେ ବୋଧହୁଏ ।'

'ଆଜ୍ଞା ହଁ ।'

'ଆପଣଙ୍କର କଣ କାମ ଅଛି ?'

'ସେ କଥା କହିବା ପୂର୍ବରୁ ମୁଁ ଆପଣଙ୍କୁ ଗୋଟାଏ ପ୍ରଶ୍ନ ପଚାରି ପାରେ କି ?'

'ନିଃସନ୍ଦେହରେ ।'

'ଆପଣ ରମେଶବାବୁଙ୍କ ଘରେ ଘଟିଥିବା ହତ୍ୟାକାଣ୍ଡଟା ତଦନ୍ତ କରୁଛନ୍ତି ନା ?'

'ହଁ ।' ନାୟକବାବୁ ଏଥର ଚୌକିରେ ବସିବା ସାଙ୍ଗେ ସାଙ୍ଗେ ଯୋଡ଼ିଲେ, 'ବସୁ ନାହାନ୍ତି, ଠିଆ ହୋଇ ରହିଲେ ଯେ ?'

'ଦେଖନ୍ତୁ, ମୋର ଆପଣଙ୍କୁ ଗୋଟାଏ ଖବର ଦବାକୁ ଅଛି ।'

ମୋହନବାବୁ ଖାଲିଥିବା ଖଣ୍ଡିଏ ଚୌକିରେ ବସିଲେ ।

'କଣ ଏଇ ହତ୍ୟାକାଣ୍ଡ ବିଷୟରେ ?'

'ହଁ ।'

'ତେବେ କୁହନ୍ତୁ ।'

ମୋହନବାବୁ କ୍ଷଣକାଳ ଚିନ୍ତାକରି ଆରମ୍ଭ କଲେ, 'ଦେଖନ୍ତୁ, ମୋ ଦୋକାନରେ ଆଜକୁ ସୁଣବର୍ଷ ହେବ ଗୋଟାଏ ପିସ୍ତଲ ବିକ୍ରି ପାଇଁ ଥିଲା, କିନ୍ତୁ ଉପର ରଙ୍ଗ ଛାଡ଼ି ଯାଇଥିବାରୁ ସେଟାକୁ ପୁରୁଣା ମାଲ ମନେ କରି କେହି କିଣୁ ନ ଥିଲେ । ଏଇ ସ୍ତରଦିନ ତଳେ ରମେଶବାବୁ ମତେ ତାଙ୍କର ଗୋଟାଏ ପିସ୍ତଲ ଦରକାର ଅଛି ବୋଲି ଖବର ଦେଲେ । ମୁଁ ତାଙ୍କୁ ମୋ ଦୋକାନକୁ ଆସିବାକୁ କହିଲି ଓ ସେ ତକେ ଆସି ଏଇ ରଙ୍ଗ ଛାଡ଼ି ଯାଇଥିବା ପିସ୍ତଲଟିକୁ ବାଛିଲେ; ଆଉ ଜଣେ ବନ୍ଧୁଙ୍କୁ କେଶେଇ

ଯେପରି ହେଲେ ଏଇଟାକୁ କିଣିବେ ବୋଲି ସେଇଟି ମୋଠୁ ଆଣିଲେ । ମୁଁ ବାଧ୍ୟରେ ତାଙ୍କୁ ଦେଇଦେଲି ।' ସେ ଟିକିଏ ଦମ ନେଇ କହିଲାଗିଲେ, 'ଆଜି ବି ଆମ ଭିତରେ କଥା ଥିଲା ସେ ପରଦିନ ସନ୍ଧ୍ୟା ସୁଦ୍ଧା ମତେ ସାଫ୍ ଜବାବ ଦେବେ । କିନ୍ତୁ ତା ପରେ ସେ ଆଉ ଆସିଲେନି । ମୁଁ ମଧ୍ୟ ଅନେକ ଦଉଡ଼ଧାପ ଚେଷ୍ଟା କରି ତାଙ୍କ ଭେଟ ପାଇଲିନି । ଆଜି ଆଜି ଶୁଣିଲି ତାଙ୍କ ଘରେ ଜଣେ ଅତିଥିଙ୍କୁ ହତ୍ୟା କରାଯାଇଅଛି । ତେଣୁ ମୋର କାହିଁକି ମନେ ହେଉଛି ମୋଠାରୁ ମାଗି ଆଣିଥିବା ପିସ୍ତଲଟି ସାହାଯ୍ୟରେ ହୁଏତ ଏଇ ହତ୍ୟାକାଣ୍ଡ ଘଟିଛି ।'

ନାୟକ ବାବୁ ବିଳମ୍ବ ନ କରି 'ସ୍ୱପ୍ନପୁରୀ'ର ବଗିଚାରୁ ମିଳିଥିବା ପିସ୍ତଲଟି ଡ୍ରୟାରରୁ କାଢ଼ି ମୋହନବାବୁଙ୍କୁ ଦେଖାଇ ଦେଇ କହିଲେ, 'ଦେଖନ୍ତୁ ଏଇଟି ନୁହେଁତ ?'

ମୋହନବାବୁ ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ, 'ହଁ ଏଇଟା, ତେବେ ମୋର ଅନୁମାନ ସତ ।' କହି ସାରି ସେ ପିସ୍ତଲଟି ଖୋଲି ଦେଖିଲେ ଓ ପରେ ପରେ କହିଲେ, 'କିନ୍ତୁ ଏଥିରୁ ତ ଗୋଟିଏ ବୋଲି ଗୁଳି ବ୍ୟବହାର କରା ହୋଇନି ।' ସେ ଅନେକ ପରିମାଣରେ ଆଶ୍ୱସ୍ତ ହେଲେ ।

'ତା ଠିକ୍ । ମୋଟ ଉପରେ ଏଇଟି ସାହାଯ୍ୟରେ ହତ୍ୟାକାଣ୍ଡ ଘଟିନି ।'

'ତେବେ ମୋ ଜିନିଷଟା ମୁଁ ଫେରାଇ ନେଇ ପାରେ ?'

'ନା ସେଇଟା ଆମ ପାଖେ ରହିବ । କାରଣ ବିନା ଲାଇସେନ୍ସରେ ଜଣକୁ ପିସ୍ତଲ ଦେଇଥିବା ଯୋଗୁଁ ଆମେ ଆପଣଙ୍କ ନାଁରେ କେସ ଚଳାଇବୁ ।' କହୁ କହୁ ନାୟକବାବୁ ଟୋପି ଧରି ଠିଆହେଲେ ।

'ଦେଖନ୍ତୁ...'

ମୋହନବାବୁ ହୁଏତ ଆଉ କଅଣ କହୁଥାନ୍ତେ । ନାୟକବାବୁ ବାଧା ଦେଇ କହିଲେ, 'ମୁଁ କାନୁନ ଆଗରେ ନାଚାର, ଆପଣ ବର୍ତ୍ତମାନ ଆସିପାରନ୍ତୁ ।'

ଅଗତ୍ୟା ମୋହନବାବୁ ଉଠିଲେ । ନାୟକବାବୁଙ୍କ ପଛେ ପଛେ ଘରକୁ ବାହାରିଲେ ।

ପରଦିନ ସକାଳ ସାଢ଼େ ଛଅଟା ବେଳକୁ ସହରର ପ୍ରସିଦ୍ଧ ଡାକ୍ତର କଳମବାବୁ ତାଙ୍କ ଘରେ ଏକାକୀ ବସି ଚକ୍ଷୁଶାସ୍ତ୍ରର ମାସିକ ପତ୍ରିକାଟାଏ ଓଲଟାଇ ଦେଖୁଥିଲେ । ଏତିକିବେଳକୁ ଚାକର ଆସି ଖବର ଦେଲା, 'ବାବୁ କିଏ ଜଣେ ଆପଣଙ୍କ ସାଙ୍ଗେ ଦେଖା କରିବାକୁ ଆସିଛନ୍ତି ।'

ଡାକ୍ତରବାବୁ କିଛିଏ ବିରକ୍ତ ହୋଇ ଜବାବ ଦେଲେ, 'କହିଦେ ମୋର ରୋଗୀ ଦେଖା ସମୟ ଏଇଟା ନୁହେଁ । ଆଠଟାରୁ ଏଗାରଟା ଭିତରେ ଆସିବେ ।'

'କହିଲିଣି ବାବୁ, ହେଲେ ତାଙ୍କର କଣ ଜରୁରୀ କାମ ଅଛି ।' ଉତ୍ତର ଚାକର ଉତ୍ତର ଦେଲା ।

'କଣ ଜରୁରୀ କାମ ଅଛି ?'

'କହୁ ପାରିବିନି ବାବୁ, ପୁଲିସ ଲୋକ ପରି ଦିଶୁଛନ୍ତି ।'

'ହଉ ତେବେ ଭିତରକୁ ଡାକିଦେ ।'

ଚାକର ଚାଲିଗଲା ବାହାରିଗଲା । କିଛିଏ ପରେ ପରିଚିତ ଲୋକ ନାୟକବାବୁ ଭିତରକୁ ଆସିଲେ ଓ ହାତଯୋଡ଼ି ଡାକ୍ତରବାବୁଙ୍କୁ ଅଭିବାଦନ କରି କରି ଆରମ୍ଭ କଲେ, 'ଦେଖନ୍ତୁ, ମୁଁ ରୋଗୀ ନୁହେଁ ବା ରୋଗ ସମ୍ବନ୍ଧୀୟ କୌଣସି ଆଲୋଚନା କରିବାକୁ ଏଠିକୁ ଆସିନି ।' ସେ ବସିଲେ ।

'ଆଚ୍ଛା ତେବେ ମୋ ପାଖକୁ କାହିଁକି ଆସିଛନ୍ତି ?'

ନାୟକବାବୁ ଡାକ୍ତରବାବୁଙ୍କୁ କିଛିଏ ସମୟ ଏକଲୟରେ ଚାହିଁ ସାରି ଆରମ୍ଭ କଲେ, 'ଆପଣ ନିଶ୍ଚୟ ଜାଣିଥିବେ ଯେ ପଅରଦିନ ରାତିରେ ରମେଶବାବୁଙ୍କ ଘରେ ଗୋଟାଏ ହତ୍ୟାକାଣ୍ଡ ଘଟିଯାଇଛି ।'

'ହଁ ।'

'ସେଇ ହତ୍ୟାକାଣ୍ଡର ତଦନ୍ତ ଭାର ମୁଁ ନେଇଛି । ତେଣୁ ସେ ବିଷୟରେ କେତେକ ସନ୍ଦେହ ଦୂର କରିବାକୁ ମୁଁ ଆପଣଙ୍କ ପାଖକୁ ଆସିଛି ।'

'ମୁଁ ଆପଣଙ୍କ କଥା ଠିକ୍ ବୁଝି ପାରୁନ ।' କହି ନଳିନୀବାବୁ ପଢ଼ିବା ଚଷମାଟି ଟେବୁଲରେ ଓଲଟାଇ ରଖିଦେଲେ ।

'ଆପଣ ରମେଶବାବୁଙ୍କର ଘରୋଇ ଡାକ୍ତର କି ନା ?'

'ହଁ, ତେବେ ସେଥି ସହିତ ହତ୍ୟାକାଣ୍ଡର ସମ୍ପର୍କ କଣ ?'

'ଆପଣଙ୍କ ପ୍ରଶ୍ନର ଉତ୍ତର ମୁଁ ବର୍ତ୍ତମାନ ଦେଇ ପାରୁନ । ତଥାପି ମୁଁ ରମେଶବାବୁଙ୍କ ପରିବାର ସମ୍ବନ୍ଧରେ କେତେକ କଥା ଆପଣଙ୍କଠୁ ପଚାରି ବୁଝିବାକୁ ଚାହେଁ ।'

'ଦେଖନ୍ତୁ ମୁଁ ରମେଶବାବୁଙ୍କର ବନ୍ଧୁ ଓ ଘରୋଇ ଡାକ୍ତର । ତେଣୁ କୌଣସି ପ୍ରଶ୍ନ ଯଦି ରମେଶବାବୁ ବା ମୋ ବ୍ୟବସାୟ ବିଷୟରେ ଥାଏ ତେବେ ମୁଁ ସେଗୁଡ଼ାକର ଉତ୍ତର ଦେଇ ପାରିବନି ।'

'ଆପଣଙ୍କ ଇଚ୍ଛା ।' ଟିକିଏ ଚିନ୍ତା କରି ନାୟକବାବୁ ପଚାରିଲେ, 'ଆପଣ କହି ପାରିବେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ରମେଶବାବୁ କାହିଁକି ଦ୍ୱିତୀୟ ବାର ବିବାହ କରିବାକୁ ନାରାଜ ଥିଲେ ?'

'କାରଣ ରମେଶବାବୁ ତାଙ୍କର ପ୍ରଥମ ସ୍ତ୍ରୀଙ୍କୁ ବିଶେଷ ଭଲ ପାଉଥିଲେ ।'

'ଯା ଛଡ଼ା ଅନ୍ୟ କିଛି ଭିତରି କାରଣ ଅଛି କି ?

'ଅର୍ଥାତ୍ ?'

'ଏଇ ଧରନ୍ତୁ, ରମେଶବାବୁଙ୍କର ଅନ୍ୟ କୌଣସି ନାରୀ ସହିତ....'

'ବିରକ୍ତ ହୋଇ ନଳିନୀବାବୁ ବାଧା ଦେଲେ, 'ତେବେ ମୁଁ କହିବି ରମେଶବାବୁଙ୍କୁ ଆପଣ ଠିକ୍ ଜାଣନ୍ତିନି । କେବଳ ଏତିକି ମନେ ରଖନ୍ତୁ, ରମେଶବାବୁଙ୍କ ଚରିତ୍ରରେ ଟିକିଏ ହେଲେ ଦୋଷ ନାହିଁ ।'

'ତେବେ ଏ ବୟସରେ ସେ ରେଖା ଦେବୀଙ୍କୁ କାହିଁକି ବିବାହ କଲେ ।'

କେମିତି ଟିକିଏ ଥକ ଖାଇ ନଳିନୀବାବୁ ଉତ୍ତର ଦେଲେ, 'ଏ ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ କଷ୍ଟ । କାରଣ ରେଖା ଦେବୀଙ୍କୁ ବିବାହ କରି

ଯାଇବା ପରେ ରମେଶବାବୁ ତାଙ୍କର ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କୁ ଖବର ଦେଲେ । ସେତେବେଳେ ଅବଶ୍ୟ ମନେ ହେଉଥିଲା ମୃତ୍ୟୁ ପଛରେ ନିଶ୍ଚୟ କିଛି ରହସ୍ୟ ଅଛି । କିନ୍ତୁ କାଳକ୍ରମେ ଆମ ସମସ୍ତଙ୍କ ମନରୁ ସେ ସନ୍ଦେହ ଛୁଟି ଗଲାଣି ।'

'କାରଣ ?'

'ରେଖା ଦେବୀଙ୍କର ସରଳ ଓ ଅମାୟିକ ବ୍ୟବହାରରୁ ଆମ ମନର ସନ୍ଦେହ ଦୂର କରି ପାରିଛୁ ।'

'କେବେହେଲେ ରମେଶବାବୁ ତାଙ୍କର ଏହି ଦ୍ୱିତୀୟ ବିବାହର ପ୍ରକୃତ କାରଣ କାହାରିକୁ କହି ନାହାନ୍ତି ?'

'ଅନ୍ୟ କାହାରିକୁ ହୁଏତ କହିଥିବେ । ମତେ କିନ୍ତୁ କହି ନାହାନ୍ତି ।'

'ଆପଣ କହି ପାରିବେ, ରମେଶବାବୁଙ୍କ ପରେ ତାଙ୍କର ଏଇ ବିରାଟ ସମ୍ପତ୍ତି କିଏ ଭୋଗ କରିବ ?'

'ଠିକ କିଛି କହି ପାରିବିନି । ତେବେ ରମେଶବାବୁ ଥରେ ମତେ କଥା ଛଳରେ କହୁଥିଲେ, ତାଙ୍କ ପରେ ପ୍ରଥମ ସ୍ତ୍ରୀଙ୍କ ନାଁରେ ଥିବା ସବୁ ସମ୍ପତ୍ତି ଅଳକା ପାଇବ ଓ ତାଙ୍କ ନିଜ ନାଁରେ ଥିବା ସମ୍ପତ୍ତିକୁ ରେଖା ଓ ଅଳକା ଦୁହେଁ ସମାନ ସମାନ ବାଣ୍ଟି ନେବେ ।'

'ରମେଶବାବୁଙ୍କ ସମ୍ପତ୍ତି ବେଶୀ ନା ତାଙ୍କ ପ୍ରଥମ ସ୍ତ୍ରୀଙ୍କର ?'

'ସମ୍ପତ୍ତି ଉପରେ ଉଭୟଙ୍କର ସମାନ ସମାନ ଅଧିକାର ଅଛି ।'

'ଆଚ୍ଛା ରେଖାଙ୍କୁ ବିବାହ କଲାବେଳେ ରମେଶବାବୁ ଦ୍ୱିତୀୟ ସ୍ତ୍ରୀଙ୍କ ନାଁରେ କିଛି ସମ୍ପତ୍ତି ଲେଖି ଦେଇଥିଲେ କି ?'

'ମୁଁ କହି ପାରିବିନି ।'

ନାୟକବାବୁ ପୁଣି କିଛିଏ ସମୟ ଚିନ୍ତା କରି ସାରି ଜାଣିବାକୁ ପୁଚ୍ଛିଲେ 'ରମେଶବାବୁଙ୍କୁ ବୋଧହୁଏ ରାତିରେ ଭଲ ନିଦ ହୁଏନି ?'

'ଆପଣ କେମିତି ଜାଣିଲେ ?'

'ଅନୁମାନ ମାତ୍ର । ତେବେ ମୋ ପ୍ରଶ୍ନଟାର ଉତ୍ତର ଦେଲେନି ଯେ ?'

'ହଁ, ତାଙ୍କୁ ଘରରେ ଭଲ କରି ହୁଏନି ।'

'ତେବେ ଭଲହେବା ପାଇଁ ସେ ମଝି ମଝିରେ ନିଶ୍ଚୟ କୌଣସି ଔଷଧ ବ୍ୟବହାର କରୁଥିବେ ।'

'ହଁ, ସେ ମୋ ଉପଦେଶରେ ପ୍ରତି ଦିନ ଘରରେ ନିଦ ଔଷଧ ବ୍ୟବହାର କରନ୍ତି ।'

ଏଥର ନାୟକବାବୁ ପକେଟରୁ ଖଣ୍ଡେ କାଗଜ କାଢ଼ି ଡାକ୍ତରବାବୁଙ୍କୁ ପଢ଼ିବାକୁ ଦେଇ ଦେଇ ପଚାରିଲେ, 'ଏଥିରେ ଲେଖାଥିବା ନିଦ୍ରା ଔଷଧକୁ ରମେଶବାବୁ କେତେଟା ବ୍ୟବହାର କରନ୍ତି ?'

କାଗଜଟିକୁ ପଢ଼ି ସାରି ନଳିନୀବାବୁ କହିଲେ, 'ଦରକାର ପଡ଼ିଲେ ଏ ପ୍ରଶ୍ନର ଉତ୍ତର ମୁଁ କଚେରୀରେ ଦେବି, ଏଠି ନୁହେଁ ।' ସେ କାଗଜଟିକୁ ଫେରେଇ ଦେଲେ ।

ନାୟକବାବୁ ଡାକ୍ତରବାବୁଙ୍କ ମନୋଭାବ ଠଉରେଇ ପାରି କଥା ବଦଳେଇ ପଚାରିଲେ, 'ମୋର ମନେହୁଏ ଆପଣଙ୍କ ଉପଦେଶ ମାନି ରେଖା ଦେବୀ ଜଳବାୟୁ ପରିବର୍ତ୍ତନରେ ଯାଇଛନ୍ତି ?'

'ହଁ ।'

'କାହିଁକି ?'

'ତାଙ୍କ ଦେହ ଭଲ ନାହିଁ ।'

'କଣ ହୋଇଛି ତାଙ୍କର ?

ନାୟକବାବୁଙ୍କ ଜିଜ୍ଞାସୁ ସନ୍ଦେହ ଆଖିରେ ଚାହିଁ ରହି ନଳିନୀବାବୁ ଉତ୍ତର ଦେଲେ, 'ତାଙ୍କର ହୃଦରୋଗ ଅଛି । ମଝି ମଝିରେ ହଠାତ୍ ତାର ପ୍ରକୋପ ବଢ଼େ । ଆଉ ରୋଗର ଏଇ ଆକସ୍ମିକ ପ୍ରକୋପ ବଢ଼ିବା ସାଙ୍ଗେ ସାଙ୍ଗେ ମୁଁ ଜଳବାୟୁ ପରିବର୍ତ୍ତନରେ ଯିବା ପାଇଁ ଉପଦେଶ ଦେଇଥାଏ । କାରଣ ଜଳବାୟୁ ପରିବର୍ତ୍ତନରେ ରୋଗର ପ୍ରକୋପ କେତେକ ପରିମାଣରେ କମିଯାଏ ।'

'କଣ ଖାଲି ଜଳବାୟୁ ପରିବର୍ତ୍ତନରେ ଏଇ ରୋଗଟା କମେ ?

ଅଳ୍ପ ହସି ଡାକ୍ତରବାବୁ ଉତ୍ତର ଦେଲେ, 'ଠିକ ତା ନୁହେଁ। ଜଳବାୟୁ ପରିବର୍ତ୍ତନ ସହିତ ଔଷଧ ବ୍ୟବହାରର ଆବଶ୍ୟକ ।'

'ରୋଗର ପ୍ରକୋପ ବଢ଼ିବାର କିଛି ଧରାବନ୍ଧା ସମୟ ଅଛି ?'

'ନା, ସାଧାରଣତଃ କଠିନ ପରିଶ୍ରମ ବା ଋତୁ ପରିବର୍ତ୍ତନବେଳେ ଏହାର ପ୍ରକୋପ ବଢ଼େ ।'

'ଆପଣଙ୍କୁ ଅଶେଷ ଧନ୍ୟବାଦ । ମୋର ଆଉ କିଛି ପଚାରିବାର ନାହିଁ ।' ନାୟକବାବୁ ବିଦାୟ ନେବାକୁ ଉଠିଲେ ।

ଏଥର ଡାକ୍ତରବାବୁ ଓଲଟି ପଚାରିଲେ, 'ଦେଖା ଦେବାଙ୍କୁ ଦେଉ, କଣ ଏତେ ସବୁ ପ୍ରଶ୍ନ କରିବାର କାରଣଟା କଣ ଜାଣି ପାରେ କି ?'

ନାୟକବାବୁ ହସି ହସି ଉତ୍ତର ଦେଲେ, 'ଯାର କାରଣ କଅଣ ମୁଁ ନିଜେବି ଠିକ ଜାଣେନି । ମୁଁ କେବଳ ଏତିକି ଜାଣେ ଯେ ଏଇଟା ଗୋଟାଏ ହତ୍ୟାକାଣ୍ଡ । ତେଣୁ ଟିକିଏ କୋଉଠି ଭୁଲ ରହିଗଲେ ଅପରାଧୀ ଦୋଷୀ ସାବ୍ୟସ୍ତ ହେବା ବା ହତ୍ୟାକାରୀ ଖସି ଯିବାର ସମ୍ଭାବନା ଅଧିକ । ସେଥିପାଇଁ ସବୁ ଦିଗକୁ ନଜର ରଖି ଆଗେଇବାକୁ ପଡ଼ୁଚି । ଆଚ୍ଛା ନମସ୍କାର ।' ନାୟକବାବୁ ବିଦା ହେଲେ ।

× × × ×

ନଳିନୀ ବାବୁଙ୍କ ଘରୁ ବାହାରି ନାୟକ ବାବୁ ସିଧା ସଳଖ ରମେଶ ବାବୁଙ୍କ ସହର ଭିତର ଘର 'ଶାନ୍ତିନିଳୟ'ରେ ପହଞ୍ଚିଲେ । ସେତେବେଳକୁ ସକାଳ ଆଠଟା ବାଜିବ ଆସି । ତଥାପି ରମେଶ ବାବୁଙ୍କ ଘର ଶୁନଶାନ୍ ଜଣାଗଲା । ସତେ ଯେମିତି ଏଇଟାରେ କେହି ମଣିଷ ରହୁ ନାହାନ୍ତି । ତେଣୁ ନାୟକ ବାବୁ ପ୍ରଥମେ ଟିକିଏ ଇତସ୍ତତଃ କରି ଘର ଭିତରକୁ ପଶିଲେ ।

ଚାକର ବାଇଆ ନାୟକବାବୁଙ୍କୁ ଦେଖି ପାଖ ଘର ଓଳେଇବା ପକେଇ ରଖି ଆଗେଇ ଆସି ପଚାରିଲା, "ଆପଣ ଡାଣ୍ଡ ଘରେ ଅପେକ୍ଷା କରନ୍ତୁ । ବଡ଼ବାବୁ ଚା' ଖାଉଚନ୍ତି ।"

‘ବଡ଼ ବାବୁଙ୍କୁ ମୁଁ ଦେଖା କରିବାକୁ ଆସିଛି ।’

‘ତେବେ ସାନବାବୁଙ୍କୁ ଡାକିଦେବି ?’

“ନା, ଦେଈଙ୍କୁ ଡାକିଦିଅ । ନାୟକବାବୁ ଉତ୍ତର ପାଇଁ ଅପେକ୍ଷା ନ କରି ଦାଣ୍ଡ ଘରକୁ ପଶିଲେ ।

ପ୍ରାୟ ପାଞ୍ଚ ମିନିଟ ପରେ ଅଲକା ଭିତରକୁ ଆସି କହିଲେ, ନମସ୍କାର ।

ନାୟକବାବୁ ଚାହିଁ ଦେଖିଲେ ଘନ ଘୋଟାର ଭିତରେ ଅଲକାଙ୍କ ଗୋରା ଦେହ ଏକବାରେ କଳା ପଡ଼ିଗଲାଣି । ତାଙ୍କୁ କି ଦେଖାଣି ତାଙ୍କ ମନ ଅଲକାଙ୍କ ପାଇଁ ଦୟାରେ ପୂରିଗଲା; କିନ୍ତୁ ପରକ୍ଷଣରେ ନିଜକୁ ଯଥା ସମ୍ଭବ ସମ୍ଭାଳି ନେଇ କହିଲେ, ‘ନମସ୍କାର । ବସନ୍ତୁ ।’

ଅଲକା ବସୁ ବସୁ ଜାଣିବାକୁ ଚାହିଁଲେ, ‘ଆଜି କିଛି ପଚାରି ବୁଝିବାକୁ ଚାହାନ୍ତି ?’

‘ହଁ ।’

‘ତେବେ ପଚାରନ୍ତୁ ।’

ନାୟକବାବୁ କ୍ଷଣକାଳ ଚିନ୍ତା କରି ପଚାରିଲେ, ଗଲା ପରୀକ୍ଷା ରାତିରେ ଅଧ୍ୟାପକଙ୍କୁ କିଏ ନେଇ ଦୁଧ ଦେଇଥିଲା ?

‘ଚମ୍ପା ।’

‘ଆଉ ଚମ୍ପା ରେଖା ଦେବୀଙ୍କର ଖାସ୍ ଚାକରାଣୀ ପରା ?

‘ହଁ ।’

‘ଚମ୍ପା କେବେଠୁ ଆପଣଙ୍କ ଏଠି ରହୁଛି ?’

‘ସାନମା’ ଆସିବା ଦିନଠୁ ।’

‘ତା ଆଗରୁ ସେ କୋଉଠି ଥିଲା ?’

‘ସାନ ମା’ଙ୍କ ଘରେ ।’

ନାୟକବାବୁ ପୁଣି ଟିକିଏ ସମୟ ଚିନ୍ତିତ ହେଲେ । ପରେ ପରେ କଥା ବଦଳେଇ ପଚାରିଲେ, ‘ରେଖାଦେବୀ କଣ ଏକା ପୁରୀ ଯାଇଛନ୍ତି ନା ତାଙ୍କ ସାଙ୍ଗରେ ଏଠୁ କେହି ଯାଇଛି ?’

'ଅଳକା ମନେ ମନେ ବିରକ୍ତ ହେଲେ ବି ଯେତେଦୂର ସମ୍ଭବ ସହଜ ସ୍ୱରରେ ଉତ୍ତର ଦେଲେ, ନା, ସାଙ୍ଗେ ସାଙ୍ଗେ ଏଠି 'ନଟିଆ ମା' ଆସିଛୁ ।'

'ସବୁଥର କଣ ନଟିଆମା ରେଖାଦେବୀ ବାୟୁ ପରିବର୍ତ୍ତନରେ ଗଲା-ବେଳେ ତାଙ୍କ ସାଙ୍ଗେ ଯାଏ ?'

'ନା ।'

'ତେବେ ଅନ୍ୟ ଥର ତାଙ୍କ ସାଙ୍ଗେ ଆଉ କିଏ ଯାଏ ?'

'ଚମ୍ପା ।'

'ଏଥର ତାହାହେଲେ ସେ ଯାଇନାହାନ୍ତି କି ?'

'ତା ପୁରୁଷ ଆସିବ ବୋଲି ଚିଠି ଦେଇଥିଲା । ସେଇଥି ସକାଶେ ସେ ଯାଇ ପାରିଲାନି ।'

'ତା ପୁରୁଷ କେବେ ଆସିବ ବୋଲି ଲେଖିଥିଲା ?'

'ଗଲା ଶନିବାର ।'

'ସେ ଆସିଲା ?'

'ନା ।,

'ତା ପୁରୁଷ ଆଗରୁ କେବେ ତା ସାଙ୍ଗେ ଏଠିକୁ ଦେଖା କରିବାକୁ ଆସିଥିଲା ?'

ଟିକିଏ ଚିନ୍ତା କରି ଅଳକା ଉତ୍ତର ଦେଲେ, 'ତା ପୁରୁଷ ଆଉ କେବେ ଏଠିକୁ ଆସିଲା ପରି ମୋର ମନେ ହେଉନି ।''

ନାୟକବାବୁ ଏଥର ଅଳକାଙ୍କୁ ବିଦାୟ ଦେବାକୁ ଯାଇ କହିଲେ, 'ଆପଣ ଏଥର ଯାଆନ୍ତୁ । ଟିକିଏ ଚମ୍ପାକୁ ପଠେଇ ଦେବେ ।'

ଅଳକା ହାତଯୋଡ଼ି ବିଦାୟ ନେଲେ । ନାୟକବାବୁ ଚମ୍ପା ଅପେକ୍ଷାରେ ଆଉଜି ବସିଲେ । ଅଳ୍ପ ସମୟ ପରେ ଚମ୍ପା ଭିତରକୁ ଆସି ଦୁଆରକୁ ଲାଗି ଠିଆ ହେଲା ।

ନାୟକବାବୁ କହିଲେ, ବସ ।

ଚମ୍ପା ଆଗେଇ ଆସି ଚୌକୀରେ ବସିଲା ।

ନାୟକବାବୁ ଆରମ୍ଭ କଲେ, ପଅରଦିନ ରାତିରେ ତୁମେ ନେଇ ଅଧ୍ୟାପକଙ୍କୁ ଦୁଧ ଦେଇଥିଲ ନା ?

'ହଁ ।'

'ସେଥିରେ କଣ ମିଶେଇଥିଲ ?'

'କିଛି ନାହିଁ ବାବୁ ।' ଚମ୍ପା ଡରି ଯାଇ ଉତ୍ତର ଦେଲା ।

'ମିଛ କହୁଚ କାହିଁକି ?'

'ନାହିଁ ବାବୁ, ମୁଁ କିଛି ମିଶେଇନି ।'

'ଶୁଣ, ଡାକ୍ତର ମାଇତିବାବୁ ଜାଣିଛନ୍ତି ଯେ ଦୁଧ ସାଙ୍ଗେ ମିଶେଇ ଅଧ୍ୟାପକଙ୍କୁ ନିଦ ଔଷଧ ଦିଆ ଯାଇଥିଲା । ଆଉ ମୁଁ ପଚାରୁଚି ଦୁଧରେ ଏଇ ଔଷଧ ମିଶେଇ ଥିଲା କିଏ ?' କଡ଼ା ଗଳାରେ ନାୟକବାବୁ ଏକ ଲୟରେ ଚମ୍ପାକୁ ପୁଚ୍ଛିଲେ ।

ଏଥର ଚଂପା ମୁହଁ ପୋତି ବସି ରହିଲା ।

ନାୟକବାବୁ ପୁଣି ଧମକ ଦେଖେଇଲେ, 'ଦେଖ, ସତକଥା କହିଦିଅ । କୁହ, ନ ହେଲେ ମୁଁ ତୁମକୁ ଥାନାକୁ ଡକେଇବି । ଆଉ ସେଠି ତୁମ ମୁହଁରୁ କଥା ବାହାର କରିବାକୁ ସମୟ ଲାଗିବନି ।"

ଏଥର ଚଂପା ମୁହଁ ଖୋଲିଲା, 'ବାବୁ ମୋର କିଛି ଦୋଷ ନାହିଁ । ବଡବାବୁ........।' ସେ ହଠାତ୍ ଅଟକିଗଲା ।

'ବଡ଼ବାବୁ କଣ କଲେ ?'

'ସେ ମତେ ଦି'ଟା ବଟିକା ଦେଇଥିଲେ ମିଶେଇ ଦବାକୁ ।'

ନାୟକବାବୁ ଆଉ ଟିକିଏ ଏକଲୟରେ ଚଂପାକୁ ଚାହିଁ ରହି ହଠାତ୍ କହିଲେ, 'ତୁମେ ତୁମ କାମରେ ଯାଅ' ସେ ବାହାରି ଗଲେ ।

ଥାନାରେ ପହଞ୍ଚି ଅମରବାବୁଙ୍କୁ ତାଙ୍କ କୋଠରୀକୁ ଡାକି ପଠେଇଲେ । ଟିକିଏ ପରେ ଆସି ଅମରବାବୁ କାଇଦା ମୁତାବକ ଉପର ହାକିମଙ୍କୁ ସମ୍ମାନ ଜଣେଇ ସାମନା ଚୌକିରେ ବସିଲେ ।

ନାୟକବାବୁ ସାଙ୍ଗେ ସାଙ୍ଗେ ପଚାରିଲେ, ମୁଁ ସେଉଁ ପରୀକ୍ଷାଟା କରିବାକୁ କହିଥିଲି କଲେ ?'

'ହଁ ।'

ସେ ଲ୍ୟାମ୍ପଗୁଡ଼ିକରେ କେତେ ତେଲ ଧରେ ?'

'ବାର ଆଉନ୍ସ ।"

'ଲ୍ୟାମ୍ପଟିକୁ ଘଣ୍ଟାଏ ଜଳେଇଲେ କେତେ ଆଉନ୍ସ ତେଲ ଖରଚ ହୁଉଚ ?'

'ପ୍ରାୟ ଅଧ ଆଉନ୍ସ ।"

'ଅଧ୍ୟାପକଙ୍କ ଘରୁ ମିଳିଥିବା ଲ୍ୟାମ୍ପଟିରେ ଆମେ ଆସିଲାବେଳକୁ କେତେ ଆଉନ୍ସ ତେଲ ବାକି ଥିଲା ?'

'ନଅ ଆଉନ୍ସରୁ ଟିକିଏ ବେଶୀ ।'

'ଅର୍ଥାତ ଲ୍ୟାମ୍ପଟି ଛଅ ଘଣ୍ଟାରୁ କିଛି କମ୍ ସମୟ ଜଳିଛି ।' ମନେ ମନେ ହିସାବ କରି ନାୟକବାବୁ କହିଲେ ।

'ହଁ, ଅମରବାବୁ ମତ ମିଳେଇଲେ ।

'ତେବେ ରାତି ପ୍ରାୟ ଦୁଇଟାବେଳେ ଏହି ହତ୍ୟାକାଣ୍ଡ ଘଟିଛି ।" ଚିନ୍ତା କରୁ କରୁ ନାୟକବାବୁ କହିଲେ ।

'ଆପଣ କେମିତି ଜାଣିଲେ ?'

'ଗତ ରବିବାର ରାତି ଆଠଟା ଦଶ ମିନିଟ୍‌ରେ ସ୍ୱପ୍ନପୁରର ବିଜୁଳି ସରବରାହ କଟିଗଲା । ସ୍ୱାଭ ପ୍ରାୟ ପାଞ୍ଚ ମିନିଟ ଭିତରେ ସବୁ ଘରେ ସପନ ଲ୍ୟାମ୍ପ ଜଳା ହେଇଗଲା । ଆଉ ଅଧ୍ୟାପକଙ୍କ ଲ୍ୟାମ୍ପଟି ଛଅ ଘଣ୍ଟାରୁ କିଛି କମ ସମୟ ଜଳିଛି । ଅର୍ଥାତ୍ ପ୍ରାୟ ରାତି ଦୁଇଟା ଯାଏ ଜଳିଛି । ତା ପରେ ଅଧ୍ୟାପକ ଆଲୁଅ ଲିଭେଇ ଶୋଇବା ବ୍ୟବସ୍ଥା କଲେ ବେଳକୁ

ଅବସ୍ଥାରୁ ହତ୍ୟାକାରୀ ତାଙ୍କୁ ମାରିଛି । ତା ନ ହୋଇଥିଲେ ଅଧ୍ୟାପକଙ୍କ ଚଉକା ଚଦର ଉପରୀ ଭାଗ ଅଗ୍ନିଦଗ୍ଧ ରହି ନ ଥାନ୍ତା ।' ନାୟକ ବାବୁ ପୁଣି ଚିନ୍ତା କରୁ କରୁ କହିଲେ । ଆଉ କିଛି ସମୟ ଅଖି ବୁଜି ରହି ନାୟକ ବାବୁ କହିଲେ, 'ତୁମେ ଏଥର ଯାଅ ଅମର । ଦିନ ଦୁଇଟା ବେଳକୁ ମୋ ସାଙ୍ଗେ ଟିକିଏ ଦେଖା କରିବ ।'

ଅମର ତାଙ୍କ କାମରେ ଉଠିଗଲେ ।

ନାୟକ ବାବୁ ଡ୍ରୟାର ଭିତରୁ ଖଣ୍ଡିଏ ସାଧା କାଗଜ ବାହାର କରି ଲେଖିଲେ—

(୧) 'ସ୍ୱପ୍ନପୁରୀ'ରେ ଏତେ ଲୋକ ଥିବା ସତ୍ତ୍ୱେ ବି କେହି ଜଣେ ହେଲେ ଗୁଳି ଫୁଟିବା ଶବ୍ଦ ଶୁଣି ନାହାନ୍ତି; କିନ୍ତୁ ଏଣେ ରମେଶ ବାବୁଙ୍କ ପିସ୍ତଲରେ ଅଧ୍ୟାପକ ସୁରେନ ଚୌଧୁରୀଙ୍କୁ ହତ୍ୟା କରା ଯାଇଛି ।

ତେଣୁ ଗୁଳି ଫୁଟିବା ଶବ୍ଦ ନ ଶୁଭିବାର କାରଣ କ'ଣ ?

(୨) ଅଧ୍ୟାପକ ମହାଶୟ ସାଙ୍ଗରେ କି ପ୍ରମାଣ ଅଣିଥିଲେ ଯେ ରମେଶ ବାବୁ ବାଧ୍ୟ ହୋଇ ଅଲକାଙ୍କୁ ତାଙ୍କ ହାତରେ ସମର୍ପି ଦେବାକୁ ରାଜି ହୋଇଥିଲେ ଓ ସେ ପ୍ରମାଣତକ ଗଲା କୁଆଡ଼େ ?

(୩) ଚମାର ମୂର୍ତ୍ତି ନ ଦେଖି ବି ଶବ ଭଙ୍ଗୀ ଦେଖି ଅଧ୍ୟାପକ ମହାଶୟ କାହିଁକି ଜଣେ ପୂର୍ବ ପରିଚିତାଙ୍କ କଥା ମନେ ପକେଇଲେ ଓ ତାଙ୍କ ଅନୁମାନ ସତ ହୋଇଥିଲେ ସେ କି ବିପଦର ଆଶଙ୍କା କରୁଥିଲେ ଓ କାହିଁକି ?

କାଗଜ ଖଣ୍ଡିକରେ ଏତକ ଲେଖି ସାରି ସେ ବେଶ୍ କେତେ ସମୟ ଚିନ୍ତା କରି ଦେଖିଲେ । ତଥାପି ପ୍ରଶ୍ନଗୁଡ଼ିକର କୌଣସି ଯୁକ୍ତିସଙ୍ଗତ ଉତ୍ତର ଖୋଜି ପାଇଲେନି । ଶେଷକୁ ସେ ସ୍ଥିର କଲେ କଲିକତା ଯାଇ ରାମମୋହନ ବାବୁଙ୍କ ସଙ୍ଗେ ଦେଖା କରିବେ । ପରେ ପରେ ସେ ଟୋପିଟି ଧରି S. P. ସୁରେନ୍ଦ୍ର ବାବୁଙ୍କ ଘରକୁ ବାହାରିଲେ ।

ପର ଦିନ ସକାଳ ସାଢ଼େ ସାତଟାରେ ଗାଡ଼ି ହାଓଡ଼ା ଷ୍ଟେସନରେ ଲାଗିଲା । ନାୟକ ବାବୁ ଗାଡ଼ିରୁ ଓହ୍ଲାଇ ସିଧା ସଲଖ ବିଶ୍ରାମାଗାରରେ ପଶିଲେ । ପ୍ରାୟ ଅଧଘଣ୍ଟାକ ଭିତରେ ନିତ୍ୟକର୍ମ ସାରି ସେ ରାମମୋହନ ବାବୁଙ୍କ ଉଦ୍ଦେଶ୍ୟରେ ବାହାରିଲେ । ପ୍ରାୟ କୋଡ଼ିଏ ମିନିଟ ଭିତରେ ଟ୍ୟାକ୍ସି ୧୪୯ ନମ୍ବର ଅପରସାର୍କୁଲାର ରୋଡ ଘର ଆଗରେ ତାଙ୍କୁ ଛାଡ଼ି ଦେଲା । ଟ୍ୟାକ୍ସି ପଇସା ଚୁକେଇ ଦେଇ ସେ ଦାଣ୍ଡ ଦରଜାରେ ଧୀରେ ଧୀରେ ଆଘାତ କଲେ ।

କିଛି ସମୟ ପରେ ଜଣେ ମଧ୍ୟ ବୟସ୍କ ଭଦ୍ରଲୋକ ଦରଜା ଖୋଲି ପଚାରିଲେ, 'ଆପଣ କାହାକୁ ଖୋଜୁଛନ୍ତି ?'

'ଏଇଟା କଣ ଅଧ୍ୟାପକ ରାମମୋହନ ବାନାର୍ଜିଙ୍କ ବସା ?' ନାୟକ ବାବୁ ଓଲଟି ପ୍ରଶ୍ନ କଲେ ।

'ହଁ ।'

'ରାମମୋହନ ବାବୁ ଅଛନ୍ତି ?'

'ମୁଁ ନିଜେ ରାମମୋହନ । ଆସନ୍ତୁ ଭିତରକୁ ଆସନ୍ତୁ ।' ସେ ଦାଣ୍ଡ ଘରକୁ ବାଟ କଢ଼େଇ ନେଲେ ।

ନାୟକ ବାବୁ ଖଣ୍ଡିଏ ଚୌକିରେ ବସୁ ବସୁ ଆରମ୍ଭ କଲେ, 'ଦେଖନ୍ତୁ, ମୁଁ ଓଡ଼ିଶା ପୁଲିସ ବିଭାଗର ଲୋକ । ଦୟା କରି ଯଦି ମୋର କେତୋଟି ପ୍ରଶ୍ନର ଉତ୍ତର ଦିଅନ୍ତି ତେବେ ମୁଁ ସୁଖୀ ହେବି ।'

ରାମମୋହନ ବାବୁ ଆବା କାବା ହୋଇ ନାୟକ ବାବୁଙ୍କୁ ଚାହିଁ ରହିଲେ ।

ନାୟକ ବାବୁ ବୁଝେଇଲେ, 'ମୁଁ ଅଧ୍ୟାପକ ସୁରେନ ଚୌଧୁରୀଙ୍କ ହତ୍ୟାକାଣ୍ଡର ତଦନ୍ତରେ ଆସିଛି ।'

'କଣ କହିଲେ ? ସୁରେନକୁ ହତ୍ୟା କରାଯାଇଛି ?'

'ହଁ ।'

'କେବେ ?'

'ଗଲ ରବିବାର ।'

ରାମମୋହନ ବାବୁ କ୍ଷଣକାଳ ଆଖି ବୁଜି ରହି ଧୀରେ ଧୀରେ କହିଲେ, 'ଆପଣ ପଚାରନ୍ତୁ । ମୁଁ ଯାହା ଜାଣେ କହିବି ।'

ନାୟକ ବାବୁ ଆରମ୍ଭ କଲେ, 'ସୁରେନ୍ ବାବୁଙ୍କ ପରିବାର କୋଉଠି ରହନ୍ତି ?'

'ତାର ଆତ୍ମୀୟ ସ୍ୱଜନ କେହି ଥିଲା ପରି ମୋର ମନେ ହୁଏନା ।'

'ଅର୍ଥାତ୍ ?'

'ଦେଖନ୍ତୁ, ସୁରେନ ମୋର ପୁରୁଣା ବନ୍ଧୁ । ଆମେ ଦୁହେଁ ଏକା ସାଥିରେ I. A. ଠାରୁ M. A. ପର୍ଯ୍ୟନ୍ତ ପାଠ ପଢ଼ିଛୁ । ସବୁବେଳେ ସେ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସ୍ଥାନ ପାଇ ଆସିଛି । ସେଥିପାଇଁ ପରିଚିତ ବନ୍ଧୁ ଓ ଛାତ୍ର ଛାତ୍ରୀ ମହଲରେ ସେ ସୁନାମଧନ୍ୟ । ହେଲେ ତାର ଗତ ଜୀବନ ଓ ପରିବାର ସମ୍ବନ୍ଧରେ ସେ ନିଜେ ମୂକ । ତେଣୁ ଆମେ କେହି ତାର ପରିବାରବର୍ଗଙ୍କ ବିଷୟରେ କିଛି ଜାଣୁନା ।

'ମାନେ ଏ ସଂସାରରେ ସେ ଏକା ଏକା ରହୁଥିଲେ ?'

'ହଁ ।'

'ଛାତ୍ର ଜୀବନରେ କିଏ ତାଙ୍କ ପଢ଼ା ଖରଚ ଯୋଗାଉଥିଲା ?'

'ଥରେ ଦୁଇଥର ମୁଁ ତାକୁ ଏଇ କଥା ପଚାରିଛି, କିନ୍ତୁ କୌଣସି ମନ ଲାଖି ଉତ୍ତର ତାଠୁ ପାଇନି ।'

'ତଥାପି ଆପଣ ଗୋଟେ କିଛି ତ ଅନୁମାନ କରିଥିବେ ?'

'ତା ଠିକ୍ । ଦେଖନ୍ତୁ, ମୋ ଜାଣିବାରେ I. A. ବେଳେ ସେ ଟିଉସନ କରି ଚଳୁଥିଲା । କିନ୍ତୁ Final ପରୀକ୍ଷାର ପ୍ରାୟ ତିନି ଚାରି ମାସ ପୂର୍ବରୁ ସେ ଟିଉସନ ଛାଡ଼ିଦେଲା । ତା ପରଠୁ ତାକୁ ମୁଁ କେବେ ଟିଉସନ କରି ଚଳିବାର ଦେଖିନି ବରଂ ଧନୀ ଘର ପିଲା ପରି ସେ ଖୋଲା ହାତରେ ଖର୍ଚ୍ଚ କରି ଆସିଛି । ପ୍ରଥମେ ମୁଁ ଘଟଣା ଟିକିଏ ସନ୍ଦେହ ଆଖିରେ

ଦେଖିଥିଲି ତଥାପି ପ୍ରାୟ ଦୁଇ ବର୍ଷ ଯାଏ ସ୍ୱାର କୌଣସି କନାସ୍ ଖୋଜ ପାଇନଥିଲି ।' ସେ ହଠାତ୍ ତୁନ ହେଲେ ।

ନାୟକବାବୁ ସାଙ୍ଗେ ସାଙ୍ଗେ ପଚାରିଲେ, 'ଶେଷ ପର୍ଯ୍ୟନ୍ତ କୌଣସି ଯୁକ୍ତିଯୁକ୍ତ କାରଣ ଖୋଜ ପାଇଲେ ?'

'ହଁ, ଏକପ୍ରକାର ଅନୁମାନ କରନେଲି ।'

'ଆପଣଙ୍କ ଅନୁମାନଟା ମୁଁ ଶୁଣିପାରେ କି ?'

'ନିଶ୍ଚୟ । ମୋଟ ଉପରେ I. A. ପଢ଼ିଲାବେଳେ ସ୍ୱାରେନ ହଷ୍ଟେଲ ଛାଡ଼ି ବହୁ ବଜାରରେ ବଖରାଏ ଘରଭଡ଼ା ନିଏ । କାରଣ ହଷ୍ଟେଲରେ ରହି ତାକୁ ଟିଉସନ କରିବାକୁ ଅସୁବିଧା ହେଲା । ଆଉ M. A. ପାଶ କଲାଯାଏ ସେ ସେଇ ଘରେ ରହିଛି । ସ୍ୱାରେନ ଯୋଉ ବଖରାକରେ ଚଳପ୍ରଚଳନ କରୁଥିଲା । ଠିକ ତା ପାଖକୁ ଲଗିଥିବା ଛନୋଟି କୋଠରୀରେ ଜଣେ ଧନୀ ଭଦ୍ର ମହିଳା ତାଙ୍କର ଗୋଟିଏ ବୋଲି ଝିଅକୁ ଧରି ରହୁଥିଲେ ।'

'ପ୍ରଥମେ ମୁଁ ଲକ୍ଷ୍ୟକରି ଦେଖିଛି ସ୍ୱାରେନର ଏଇ ଭଦ୍ର ମହିଳାଙ୍କ ସହିତ ମୋଟେ ପରିଚୟ ନ ଥିଲା, କିନ୍ତୁ କେତେଦିନ ପରେ ତାର ଆର୍ଥିକ ଅବସ୍ଥାର ଉନ୍ନତି ସାଙ୍ଗେ ସାଙ୍ଗେ ସେଇ ମହିଳା ଭଡ଼ାଟିଆଙ୍କ ସହିତ ତାର ଆତ୍ମୀୟତା ଅନେକ ପରିମାଣରେ ବଢ଼ିଗଲା । ଆଉ ସେଇ ଦିନଠୁ ସ୍ୱାରେନକୁ କେବେହେଲେ ଟଙ୍କା ପାଇଁ ଚିନ୍ତା କରିବାର ମୁଁ ଦେଖିନି ।'

'ଭଦ୍ର ମହିଳାଙ୍କ ନାଁ ଓ ଠିକଣା ମତେ ଦେଇ ପାରିବେ କି ?'

'ସେ ଅନେକ ଦିନରୁ ମଲେଣି ।'

'ତଥାପି ତାଙ୍କର ପରିଚୟଟା ଦବାରେ କିଛି ଆପତ୍ତି ଅଛି ?'

'ମୋଟେ ନୁହେଁ । ମୋ ଜାଣିବାରେ ତାଙ୍କ ନାଁ ମୀରା ଓ ତାଙ୍କ ଝିଅଟିର ନାଁ ଗୋପାଳି ।'

'ଆପଣ ମୀରାଙ୍କ ସମ୍ପର୍କରେ ଆଉ କିଛି ଜାଣନ୍ତିନ ?'

'ଆଉ ଯାହା ଜାଣେ ତାର ସାର କଥା ଏଇ ଯେ ମୀରା ଜାତିରେ ଖ୍ରୀଷ୍ଟିଆନ ଓ ଓଡ଼ିଶାର ଜଣେ ଧନୀକଙ୍କର ରକ୍ଷିତା ସ୍ତ୍ରୀ ।'

'ଆଚ୍ଛା ମୀନାଙ୍କ ସହିତ ସୁରେନବାବୁଙ୍କର କି ସମ୍ପର୍କ ଥିଲା ?'

'ଦୁହେଁ ଦୁହିଁଙ୍କୁ ପ୍ରେମ କରୁଥିଲେ ।'

'ଚୌଧୁରୀ ମହାଶୟ M. A. ପାଶ କଲାପରେ କଣ କଲେ ?'

'ବନାରସ ବିଶ୍ୱବିଦ୍ୟାଳୟରେ ଅର୍ଥଶାସ୍ତ୍ର ଗବେଷକ ରୂପେ ଯୋଗ ଦେଲେ ।'

'ତାଙ୍କର ବନାରସ ଜୀବନ ସମ୍ବନ୍ଧରେ ଆପଣ କିଛି ଜାଣନ୍ତି ?'

'କିଛି କିଛି ଜାଣେ । ତେବେ ସୁରେନ ମୁହଁରୁ କିଛି ଶୁଣିନି ।'

'ଅନ୍ୟମାନଙ୍କଠୁ ଆପଣ କଣ ଶୁଣିଛନ୍ତି ?'

ଠିକ୍ ଏ ସମୟ ଚଉକାକର ରାମମୋହନବାବୁ ଆରମ୍ଭକଲେ, 'M. A. ପାଶ କରିବାର ଚାରିବର୍ଷ ପରେ ମୁଁ ଉଚ୍ଚ ଶିକ୍ଷା ପାଇଁ ସରକାରୀ ବୃତ୍ତିରେ ବିଲାତ ଗଲି । ମୁଁ ପହଞ୍ଚିବାର ପ୍ରାୟ ବର୍ଷକ ପରେ ସୁରେନବି ଯାଇ ସେଠି ଉଠିଲା । ସେଠି ମୁଁ ଲକ୍ଷ୍ୟ କରିଛି, ତାର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନ ଥିଲା । ମୁଁ ଆଉ ବି ଦେଖିଛି ସେ ବନାରସର ଲୋକଙ୍କଠୁ ଏକପ୍ରକାର ଦୂରେଇ ରହୁଥିଲା । ତାର ଏଇ ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇ ମୁଁ ବନାରସରୁ ଆସିଥିବା ଜଣଙ୍କୁ ତା କଥା ପଚାରିଲି, ସେ କହିଲା—'ସୁରେନ ବନାରସରେ ଥିଲାବେଳେ ଗୋଟିଏ ତରୁଣୀର ପ୍ରେମରେ ପଡ଼ିଥିଲା ତାପରେ କୌଣସି ନା କୌଣସି କାରଣରୁ ଉକ୍ତ ତରୁଣୀ ଓ ତାର ଭାଇ— ଭାଉଜ ଗୋଟାଏ ହତ୍ୟାକାଣ୍ଡ ସମ୍ପର୍କରେ ଗିରଫ ହେଲେ । ଏଥିସହିତ ସୁରେନ ବି ଫଶା ହୋଇ କଚେରୀକୁ ଗଲା । ଶେଷକୁ ଉପଯୁକ୍ତ ପ୍ରମାଣ ଅଭାବରୁ ସୁରେନ ମୁକ୍ତ ପାଇଲା ସତ କିନ୍ତୁ ବନାରସରେ ସେ ଏକବାରେ ବଦନାମ ହୋଇଗଲା । ତେଣୁ ଅନ୍ୟ ଉପାୟ ନ ପାଇ ସେ ସରକାରଠୁ ଉଧାର ନେଇ ଉଚ୍ଚ ଶିକ୍ଷା ପାଇଁ ବିଲାତ ବାହାରି ଆସିଲା ।'

'ଆପଣ ସେଇ ତରୁଣୀଟି ସମ୍ପର୍କରେ ଆଉ କିଛି ଜାଣନ୍ତିନି ?'

'ନା ।'

'ଆଚ୍ଛା ଆପଣ କହିପାରିବେ ସେ କାହିଁକି କଟକ ଯାଇଥିଲେ ?'

ନଂ.........
ତା.........
ରାଉରକେଲା

'ଏ ବିଷୟରେ ମୁଁ ଅଳ୍ପ କିଛି ଜାଣେ। ଅଲକା ବିଲାତରୁ ଫେରିବା ପରେ ସେ ମୋ ପାଖେ ତା ମନକଥା କିଛିଟା ଖୋଲିଛି।' ଦମ ନେଇ ସେ ପୁଣି କହି ଲାଗିଲେ, 'ପ୍ରାୟ ଗୁରବର୍ଷ ତଳେ ଆମ କଲେଜକୁ ଅଲକା ବୋଲି ଗୋଟିଏ ଝିଅ ଓଡ଼ିଶାରୁ ପଢ଼ିବାକୁ ଆସିଲା । କାହିଁକି କେଜାଣି ସୁରେନ ତାକୁ ବାହା ସାହା ହୋଇ ସଂସାର ବସେଇବ ବୋଲି ମନେ ମନେ ଠିକଣାକଲା । ଥରେ ଦୁଇ ଥର ସେ ତା ମନକଥା ଝିଅଟିକୁ କହିଲାବି। ହେଲେ ଅଲକା ତାକୁ ଗ୍ରହଣ କରିବାକୁ ନାରାଜ ହେଲା । ସେ କିନ୍ତୁ ଆଶା ଛାଡ଼ିଲାନି । ଆମେ ସବୁ ତାର ଏଇ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେଲୁ । କାରଣ ବିଲାତରୁ ଫେରିବା ପରେ ସେ ସାରା ଜୀବନ ଅବିବାହିତ ରହିବ ବୋଲି ଅନେକ ଲୋଭନୀୟ ପ୍ରସ୍ତାବ ଅଗ୍ରାହ୍ୟ କରିଛି । ଦୁଇ ବର୍ଷ ପରେ ଅଲକା B. A. ପାଶକରି କଟକ ଫେରିଗଲା । ତଥାପି ସୁରେନ ତାକୁ ଭୁଲି ପାରିଲାନି । ଯେ କୌଣସି ଉପାୟରେ ସେ ତାର ଲକ୍ଷ ହାସଲ କରିବ ବୋଲି ଲାଗି ପଡ଼ିଲା । ଚିଠିଦ୍ୱାରା ସେ ଅଲକାର ପିତାଙ୍କ ପାଖେ ପ୍ରସ୍ତାବ ଆଣିଲା, କିନ୍ତୁ ରମେଶବାବୁ ସ୍ପଷ୍ଟ ମନାକରିଦେଲେ । ସେ କେତେଥର ରମେଶବାବୁଙ୍କୁ ଦେଖା କରିବାକୁ ଚେଷ୍ଟାକଲା । ହେଲେ ରମେଶବାବୁ ସେ ସୁଯୋଗ ଦେଲେନି ।

'କିନ୍ତୁ ଏଇ ଦୁଇମାସ ତଳେ ସେ ଏଇଠି ହଠାତ୍ ଦିନେ ରମେଶବାବୁଙ୍କୁ ଜଣେ ବନ୍ଧୁଙ୍କ ଘରେ ଭେଟେ । ତାପରେ ସେ ତାର ଗତ ଜୀବନର ଘଟଣାବଳୀ ମନେ ପକେଇ ରମେଶବାବୁଙ୍କୁ ବଦନାମ କରିବାର ଉପାୟ ବାହାର କରେ । ରମେଶବାବୁବି ସୁରେନକୁ ଚିହ୍ନି ପାରି ଅନେକ ପରିମାଣରେ ନରମି ଯାଆନ୍ତି ଏବଂ ନିଜ ନିଜ ଭିତରେ ଆଲୋଚନାକରି ଗୋଟାଏ ଆପୋଷ ମିଳାମିଶା କରିବାପାଇଁ ତାକୁ କଟକ ଯିବାକୁ ନିମନ୍ତ୍ରଣ ଦିଅନ୍ତି ।'

'କି ଉପାୟରେ ଚୌଧୁରୀ ମହାଶୟ ରମେଶ ବାବୁଙ୍କୁ ବଦନାମ କରିବାକୁ ବାହାର ଥିଲେ ?'

'ସେ କଥା ମୁ ଠିକ ଜାଣେନା । ତଥାପି ସୁରେନ କଥାରୁ ମୁଁ ଅନୁମାନ କରୁଛି ଯେ ରମେଶ ବାବୁଙ୍କ ବ୍ୟକ୍ତିଗତ ଜୀବନ ସେତେ ଭଲ ନୁହେଁ । ଏ କଥା ସୁରେନ ଜାଣିଥିଲା ଓ ଏ ସମ୍ପର୍କରେ କେତେକ ଗୁରୁତ୍ୱ ପ୍ରମାଣ ବି ତା ପାଖେମହଜୁଦ ଥିଲା । ଆଉ ସେହି ପ୍ରମାଣଗୁଡ଼ିକୁ କେନ୍ଦ୍ର କରି ସେ ଅଳକାଙ୍କୁ ହାସଲ କରିବାକୁ ଚେଷ୍ଟିତ ଥିଲା ।'

'ଆପଣ ରମେଶ ବାବୁଙ୍କୁ ଜାଣନ୍ତି ?'

'ଏମିତି ତାଙ୍କ ନାଁ ଶୁଣିଛି; କିନ୍ତୁ କେବେ ଦେଖିନି ତାଙ୍କୁ ।'

'ଆପଣ କଣ ବ୍ରହ୍ମ ସମାଜବାଦୀ ?'

'ନା ମୁଁ ହିନ୍ଦୁ ।'

'ଦେଖନ୍ତୁ, ରମେଶ ବାବୁ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ବହୁତ ଦିନ ଅବିବାହିତ ରହିଲା ପରେ ଏଇ ଗୁରି ବର୍ଷ ହେବ ହଠାତ୍ ଏଇ କଲିକତାରେ ଥିବା ଜଣେ ଅବିନାଶ ବାବୁଙ୍କର ଗୋଟିଏ ବୋଲି ଝିଅ ରେଖା ଦେବୀଙ୍କୁ ବିବାହ କରି ବସିଲେ । ଏଇ ବିବାହଟା ଏକପ୍ରକାର ଲୁଚି ଗୋରିରେ ହୋଇଚି କହନ୍ତେ ଚଲେ । କାରଣ ଏ ସମ୍ବନ୍ଧରେ ଆମ ସେଠି କେହି ହେଲେ କିଛି ଜାଣନ୍ତିନି । ଆପଣ ଏ ବିଷୟରେ କିଛି ଜାଣନ୍ତି କି ?'

'କ୍ଷମା କରିବେ । ମୁଁ ଏ ବିଷୟରେ କିଛି ଜାଣେନା । ତେବେ ଏ କଥା ସତ କିଛି ବର୍ଷ ତଳେ ବ୍ରହ୍ମ ସମାଜର ଆନୁକୂଲ୍ୟରେ ଏଠି ଗୋଟାଏ ବିବାହ ସମ୍ପନ୍ନ ହୋଇଥିଲା ଏବଂ ବର ବୁଢ଼ା ଓ କନ୍ୟା ଯୁବତୀ ବୋଲି ଏଠିକା ବ୍ରହ୍ମ ସମାଜର କିଛିଟା ଚହଲ ପଡ଼ି ଯାଇଥିଲା । ହେଲେ ସେଇ ବୁଢ଼ା ଜଣକ ରମେଶ ବାବୁ କି ଆଉ କିଏ ତା ମୁଁ ଠିକ କହି ପାରିବିନି ।'

'ଆପଣ ଏ ଖବର କାହାଠୁ ପାଇଲେ ?'

'ମୋର ଜଣେ ଭୂତପୂର୍ବ ଅଧ୍ୟାପକଙ୍କ ଠାରୁ ।'

'ତାଙ୍କ ଠିକଣାଟା ମତେ ଦେଇ ପାରିବେ କି ?'

'ନିଶ୍ଚୟ ।' କହି ସେ ଟେବୁଲ ଡ୍ରୟାରରୁ କାଗଜ ଖଣ୍ଡିଏ କାଢି; ବୃଦ୍ଧ ଅଧ୍ୟାପକଙ୍କର ବସା ଠିକଣା ଲେଖି ନାୟକ ବାବୁଙ୍କୁ ବଢ଼େଇ ଦେଲେ ।

ଏଥର ନାୟକ ବାବୁ ଉଠୁ ଉଠୁ କହିଲେ, 'ଆପଣଙ୍କ ସାହାଯ୍ୟ ପାଇଁ ଶତ ଧନ୍ୟବାଦ । ନମସ୍କାର ।'

ବାହାରକୁ ଆସି ନାୟକ ବାବୁ ବୃଦ୍ଧ ଅଧ୍ୟାପକ ଶ୍ରୀ କୁମାର ବାବୁଙ୍କ ଅନ୍ୱେଷଣରେ ଟ୍ୟାକ୍ସିଟିଏ ଧରିଲେ । ପ୍ରାୟ ପନ୍ଦର ମିନିଟ ପରେ ଟ୍ୟାକ୍ସି ୧୯ ନମ୍ବର ଗ୍ରେ ଷ୍ଟ୍ରିଟ୍ ଘର ଦୁଆରେ ଆସି ରୋକିଲା । ଟ୍ୟାକ୍ସି ବାଲାକୁ ଭଡ଼ାସୁଦ୍ଧା ଦେଇ ସେ ଦାଣ୍ଡ ଦରଜାରେ ଧୀରେ ଧୀରେ ଆଘାତ ଦେଲେ । ଟିକିଏ ପରେ ଚାକର ଆସି ତାଙ୍କୁ ବୈଠକ ଖାନାକୁ କଢ଼ାଇ ନେଲା । ପ୍ରାୟ ପାଞ୍ଚ ମିନିଟ ପରେ ଅଧ୍ୟାପକ ମହାଶୟ ଆସିଲେ ।

ନାୟକ ବାବୁ ତାଙ୍କୁ ଅଭିନନ୍ଦନ ଜଣାଉ ଜଣାଉ ଚାହିଁ ଦେଖିଲେ, ଶ୍ରୀ କୁମାର ବାବୁ ଲମ୍ବା ଚଉଡ଼ା ଦ୍ରିପଣ୍ଡ କଳା ଲୋକ । ମୁଣ୍ଡ ଉପର ବାଳତକ ହବାକେ ଧଳା ପାଲଟିଗଲାଣି । ବୟସ ନିଶ୍ଚୟ ଷାଠିଏ ସେ ପାଖେ । ଅସମ୍ଭବ ଢକମର ମୋଟା ଦେହରେ ପେଟଟିର ପ୍ରାଧାନ୍ୟ ଟିକିଏ ବେଶୀ । ଆଖିରେ ସୁନା ଫ୍ରେମ୍ ଦିଆ ଚଷମା, ଗୋଡ଼ରେ ନାଗରା ଯୋତା ଓ ପରିଧାନରେ କୁଞ୍ଚ କରା ଶାନ୍ତିପୁରୀ ଧୋତି ଓ ଅଦି ପଞ୍ଜାବି ।

ଶ୍ରୀ କୁମାର ବାବୁଙ୍କୁ ଦେଖି ନାୟକ ବାବୁ ଠିଆ ହୋଇ ହାତ ଯୋଡ଼ି ଅଭିନନ୍ଦନ ଜଣାଇଲେ, 'ନମସ୍କାର !'

ସେଥିପ୍ରତି କୌଣସି ଦୃଷ୍ଟି ନ ଦେଇ ଗୃହସ୍ୱାମୀ ବସୁ ବସୁ କହିଲେ, 'ଆପଣଙ୍କୁ କୋଉଠି ଦେଖିଥିଲି ପରି ତ ମୋର ମନେ ହେଉନି । ଆପଣଙ୍କର ମୋ ପାଖେ କଣ କାମ ଅଛି ?'

ନାୟକ ବାବୁ ବସି ସାରି ଆରମ୍ଭ କଲେ, 'ଏ କଥା ସତ ଆପଣ ମତେ ପୂର୍ବରୁ କେବେ ହେଲେ ଦେଖି ନାହାନ୍ତି; ତେଣୁ ନ ଚିହ୍ନିବାଟା ସ୍ୱାଭାବିକ । ଭବିଷ୍ୟତରେ ଆପଣଙ୍କ ସାଙ୍ଗେ ଆଉ କେବେ ଦେଖା ହେବ, ସେ ଆଶା ବି ନାହିଁ । ମୋଟ ଉପରେ ମୁଁ ଓଡ଼ିଶା ପୁଲିସ ବିଭାଗର ଲୋକ ଓ ଗୋଟାଏ ହତ୍ୟାକାଣ୍ଡ ସମ୍ପର୍କରେ ଆପଣଙ୍କ ପାଖକୁ ଆସିଛି ।'

'ହତ୍ୟାକାଣ୍ଡ !' ଆଶ୍ଚର୍ଯ୍ୟ ହୋଇ ଶ୍ରୀ କୁମାର ବାବୁ ଏକପ୍ରକାର ଚିତ୍କାର କରି ଉଠିଲେ । 'ଦେଖନ୍ତୁ କୌଣସି ହତ୍ୟାକାଣ୍ଡ ସହିତ ମୋର କିଛି ସମ୍ପର୍କ ନାହିଁ । ମୁଁ ଜଣେ ଦର୍ଶନ ଶାସ୍ତ୍ର ଅଧ୍ୟାପକ ।'

'ମୁଁ ଜାଣେ ଆପଣ ଜଣେ ଅଧ୍ୟାପକ ଓ ଆପଣଙ୍କର ଏଇ ହତ୍ୟାକାଣ୍ଡ ସହିତ କୌଣସି ସମ୍ପର୍କ ନାହିଁ ।'

'ତେବେ ମୋ ପାଖକୁ କାହିଁକି ହତ୍ୟାକାଣ୍ଡ ବିଷୟ ଚର୍ଚ୍ଚା କରିବାକୁ ଆସିଛନ୍ତି ?' ବାଧା ଦେଇ ଶ୍ରୀ କୁମାର ବାବୁ ଓଲଟି ପଚାରିଲେ ।

'ଆପଣ ଆଗ ସ୍ଥିର ହୋଇ ମୋ କଥା ଟିକେ ଶୁଣି ପାରନ୍ତୁ । ତଲେ ମୋ ଆସିବାର କାରଣଟା ଜାଣି ପାରିବେ ।' ଟିକିଏ ରହି ନାୟକ ବାବୁ ପଚାରିଲେ, 'ଆପଣ ସ୍କଟିସ୍ ଚର୍ଚ୍ଚ କଲେଜର ଅର୍ଥ ଶାସ୍ତ୍ର ଅଧ୍ୟାପକ ସୁରେନ ଚୌଧୁରୀଙ୍କୁ ଜାଣିଥିବେ ନିଶ୍ଚୟ ?'

'ସେ ବଦମାସର ନାଁ ମୋ ଆଗେ ଧରନ୍ତୁନି ।'

ଦମ୍ ନେଇ ସେ ପ୍ରଶ୍ନ କଲେ, 'କଣ କରିଚି ସେ ?'

'ସେ କିଛି କରି ନାହାନ୍ତି । ବରଂ ଗୋଟାଏ କିଛି କରିବା ପୂର୍ବରୁ କେହି ଜଣେ ତାଙ୍କୁ ଗୁଳି କରି ମାରି ଦେଇଛି ।'

'ତେବେ ଉତ୍ତମ । ତା ପରି ଗୋଟାଏ ଚରିତ୍ରହୀନର ଏ ସଂସାରରେ ବଞ୍ଚି ରହିବାକୁ କୌଣସି ଅଧିକାର ନାହିଁ । କେତେ ଭଲ ଘରର ଝିଅ ବୋହୂ ଯେ ସେଇଟା ଯୋଗୁଁ ନଷ୍ଟ ହୋଇଛନ୍ତି ତାର ଠିକଣା ନାହିଁ ।' ଟିକିଏ ରହି ସେ ପୁଣି କହିଲେ, 'ଆପଣ ଆଜି ମତେ ଗୋଟାଏ ଚମତ୍କାର ଖବର ଶୁଣେଇଲେ । ସେଥିପାଇଁ ମୁଁ ଆପଣଙ୍କ ନିକଟରେ ଚିର କୃତଜ୍ଞ ।'

'ସୁରେନ ବାବୁଙ୍କ ସମ୍ପର୍କରେ ଆପଣଙ୍କ ମତାମତଟା କିନ୍ତୁ ବିଚାରପତି ମାନ ନବାକୁ ପ୍ରସ୍ତୁତ ନୁହନ୍ତି । ନ୍ୟାୟତଃ ଦୋଷୀକୁ ଦଣ୍ଡ ମିଳିବା ଉଚିତ ଏବଂ ସୁରେନ ବାବୁଙ୍କ ହତ୍ୟାକାରୀ ଆଇନ ଅନୁସାରେ ଦୋଷୀ ।'

'ଅନ୍ୟ ପକ୍ଷରେ ସେ ଜଣେ ସାଧୁ ଓ ଆପଣଙ୍କ ବନ୍ଧୁରତ୍ନଗୁଡ଼ାକ ପାପୀ । ତେଣୁ ଆପଣ ବର୍ତ୍ତମାନ ଯାଇ ପାରନ୍ତି ।' ଶ୍ରୀ କୁମାର ବାବୁ ରାଗି ଗଲେ ।

'ଦେଖନ୍ତୁ ଆପଣ ଟିକଏ.....'

ବାଧା ଦେଇ ଅଧ୍ୟାପକ କହିଲେ, 'ମୁଁ ଆପଣଙ୍କର କୌଣସି କଥା ଶୁଣିବାକୁ ଚାହେଁନା । ଆପଣ ବର୍ତ୍ତମାନ ଯାଇ ପାରନ୍ତି । ନଚେତ୍ ମୁଁ ପୁଲିସ ଡାକିବି ।'

'ଦେଖନ୍ତୁ, ଆପଣ ଯଦି ମତେ ସାହାଯ୍ୟ ନ କରନ୍ତି ତେବେ ଶେଷ ପର୍ଯ୍ୟନ୍ତ ଜଣେ ନିର୍ଦ୍ଦୋଷୀ ହୁଏତ ଫାଶୀ ଖୁଣ୍ଟରେ ଝୁଲିବ । ଅନ୍ତତଃ ପକ୍ଷେ ଗୋଟିଏ ନିର୍ଦ୍ଦୋଷୀକୁ ରକ୍ଷା କରିବାକୁ ଆପଣ ମୋ ପ୍ରଶ୍ନଗୁଡ଼ିକର ଉତ୍ତର ଦେବେ ବୋଲି ମୋର ବିଶ୍ୱାସ ।' ଅନ୍ୟ ଉପାୟ ନ ପାଇ ନାୟକ ବାବୁ ନରମି ଯାଇ ନେହୁରା ହେଲେ ।

ଶ୍ରୀକୁମାର ବାବୁ କିଛି ସମୟ ଚିନ୍ତା କରି ସାରି କହିଲେ, 'ସତ କଥାତ, ନିର୍ଦ୍ଦୋଷୀ ଦୋଷୀ ସାବ୍ୟସ୍ତ ହେବା ଅନ୍ୟାୟ । ତେବେ ଆପଣ-ମାନେ କାହିଁକି ଦରମା ପାଇ ଅଛନ୍ତି ? ନିର୍ଦ୍ଦୋଷୀକୁ ରକ୍ଷା କରିବା ତ ଆପଣମାନଙ୍କ କର୍ତ୍ତବ୍ୟ ।'

'ଆଜ୍ଞା ଖାସ ସେଇଥି ପାଇଁ ମୁଁ ଆପଣଙ୍କ ପାଖକୁ ଆସିଛି । କାରଣ ଏ କ୍ଷେତ୍ରରେ ହତ୍ୟାକାରୀ ଜାଣିଶୁଣି ଅନ୍ୟ ଜଣଙ୍କ ମୁଣ୍ଡରେ ଅଠା ବୋଳି ଦେବାକୁ ବସିଛି ।'

'ତେବେ ପଚାରନ୍ତୁ । ମୁଁ ଆପଣଙ୍କର ସମସ୍ତ ପ୍ରକାର ପ୍ରଶ୍ନର ଉତ୍ତର ଦେବାକୁ ରାଜି ।' ଶ୍ରୀକୁମାର ବାବୁ ସ୍ୱର ବଦଳେଇଲେ ।

ନାୟକ ବାବୁ ଡେରି ନ କରି ଆରମ୍ଭ କଲେ, 'ଆପଣ ରମେଶ ବାବୁଙ୍କୁ ଜାଣିଥିବେ ?'

'କୋଉ ରମେଶ ବାବୁ ?'

'ଉତ୍କଳର ଜଣେ ନାମଯାଦା ଲୋକ ଓ ମସ୍ତ ଧନୀ କି ।'

'ଲୋକଟା କେବଳ ଓଡ଼ିଶାରେ ପ୍ରଭାବଶାଳୀ ଓ ଧନୀ ବୋଲି ସେ ମୁଁ ତାର ଖବର ରଖିବି ସ୍ଥିର କରିଛି ମାନେ ଅଛି ? ମନେ ରଖନ୍ତୁ, କେବଳ ଦର୍ଶନଶାସ୍ତ୍ର ଓ ଦାର୍ଶନିକମାନଙ୍କ ବ୍ୟତୀତ ମୁଁ ଅନ୍ୟ କାହାରି ଖବର ରଖେନା ।'

'ତେବେ ଏଇ ରମେଶ ବାବୁ ପ୍ରାୟ ଛଅ ବର୍ଷ ତଳେ ଏଠାର ଜଣେ ଅବିନାଶ ବାବୁଙ୍କର ଗୋଟିଏ ବୋଲି ଝିଅଙ୍କୁ ବିବାହ କରିଛନ୍ତି ଓ ମୁଁ ଖବର ପାଇଛି ଯେ ଏଇ ବିବାହ ଏଠାର ବ୍ରହ୍ମ ସମାଜରେ ଟିକିଏ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।'

'ଓ…ସେଇ ଯୋଉ ବୁଢ଼ାଟା ଆମ ଅବିନାଶର ଝିଅକୁ ବାହା ହୋଇଛି ?'

'ହଁ ସେଇ ।'

'ଲୋକଟା ମୋଟେ ଭଲ ନୁହେଁ । ବୁଢ଼ା ବୟସରେ ଯୁବତୀ ବିବାହ କରିବାଟା ନୀଚତାର ପରିଚୟ । ମୁଁ ସେତେବେଳେ ସ୍ଥିର ଦୃଢ଼ ପ୍ରତିବାଦ କରିଥିଲି । ହେଲେ ସେ ଝିଅଟା କଣ ମୋ କଥା ଶୁଣିଲା ? ଏକା ଜିଦ୍, ସେଇ ବୁଢ଼ାକୁ ବାହା ହେବ । ଅବିନାଶ ତ ଝିଅ କଥା ଶୁଣି ମୁଣ୍ଡରେ ହାତ ଦେଇ ବସିଗଲା । ଶେଷକୁ ଝିଅ ଜିତିଲା । ଖାଲି ବାପ ହିସାବରେ ଝିଅର ଭବିଷ୍ୟତ ପାଇଁ ସେ ଲୋକଟାକୁ ଅଧା ସମ୍ପତ୍ତି ଝିଅ ମୁଣ୍ଡରେ ଯାହା ଲେଖେଇ ନେଲା । ସେ ବା ଆଉ କଣ କରନ୍ତା ? ବୁଢ଼ା କୋଉଁ, କେତେବେଳେ ଯେ ଝିଅକୁ ବିଧବା କରି ହଠାତ୍ ଖସିଯିବ ତାର କୋଉ ଠିକଣା ଅଛି ?'

'ରମେଶ ବାବୁ କଣ ରେଖା ଦେବୀଙ୍କ ନାଁରେ ଅଧା ସମ୍ପତ୍ତି ଲେଖି ଦେଇଛନ୍ତି ?'

'ହଁ, ମୋର ସାମନାରେ ଲେଖା ପଢ଼ା ହୋଇଛି । ମୁଁ ବି ସେଥିରେ ସାକ୍ଷୀ ଅଛି । ପ୍ରଥମେ ସେଇ ରମେଶ ବାବୁ ଫାଙ୍କି ଦେବାକୁ ବସିଥିଲା । ହେଲେ ଅବିନାଶ ହାତରୁ ଖସିଯିବା ସହଜ ନୁହେଁ । ସମସ୍ତଙ୍କ ଆଗରେ ସେ

ଲେଖା ପଢ଼ା କରେଇ ନେଲା ।' ଟିକିଏ ରହି ସେ ପୁଣି କହିଲେ, 'ତେବେ ମୁଁ ପରେ ଅବିନାଶଠୁ ଶୁଣିଚି, ରମେଶ ବାବୁ ତଥାପି ଫାଙ୍କି ଦେଇଚି ।'

'କେମିତି ?'

'ପୁରା ସମ୍ପତ୍ତିରୁ ମୋଟେ ଅଧାଭଲରେ ରମେଶ ବାବୁଙ୍କର ଅଧିକାର ଅଛି ।'

'ବାକିତକ ?'

'ତାର ଆଗ ସ୍ତ୍ରୀ ନାଁରେ ଅଛି ଓ ସେତକର ମାଲିକ କେବଳ ତା ଆଗ ସ୍ତ୍ରୀ ତରଫରୁ ଥିବା ଝିଅର ।'

'ଆଚ୍ଛା ଅବିନାଶବାବୁଙ୍କର ପରା ଏଠି ଅନେକ ବ୍ୟବସାୟ ଅଛି ?'

'ହଁ, ଅବିନାଶ ବେଶ ରୋଜଗାର କରେ । ନିଜର ଘର ମଟରସବୁ ଅଛି । ଲୋକଟା ଚରିତ୍ରବାନ ବି । ପ୍ରଥମ ଯୌବନରୁ ସ୍ତ୍ରୀ ମରିଯାଇଥିଲେ ବି ଆଜିଯାଏ ଦ୍ୱିତୀୟ ବିବାହ କରିନି ।'

'ଆପଣ ଅବିନାଶବାବୁଙ୍କୁ କେବେଠୁ ଜାଣିଲେ ?'

'ପ୍ରାୟ ଆଠ ବର୍ଷ ହବ । ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ତା ସଙ୍ଗେ ମୋର ପ୍ରଥମେ ରେଲଗାଡ଼ିରେ ସାକ୍ଷାତ ହୁଏ । ଆମେ ଦୁହେଁ ବନାରସରୁ ଏକା ଡବାରେ କଲିକତା ଫେରୁଥାଉ । ପ୍ରଥମେ ତାର ବିନୟସ୍ୱଭାବ ଦେଖି ମୋର ତା ଉପରେ ଟିକିଏ ସନ୍ଦେହ ଆସିଥିଲା । ହେଲେ ମୋ ମନରେ ଆଉ ତାପ୍ରତି କୌଣସି ସନ୍ଦେହ ନାହିଁ । ଗତ ଆଠ ବର୍ଷ ଭିତରେ ମୁଁ ତାକୁ ବେଶ ପରୀକ୍ଷା କରି ସାରିଲିଣି ।

'ଲୋକଟା ଏକବାରେ ସଚ୍ଚୋଟ । ପ୍ରବଞ୍ଚନା ତା ଜାତକରେ ଲେଖା ନାହିଁ । ଶ୍ରୀକୁମାରବାବୁ ଅବିନାଶବାବୁଙ୍କ ପ୍ରଶଂସାରେ ଉଚ୍ଛୁଳି ପଡ଼ିଲେ ।'

ଏତିକିବେଳକୁ ଚାକର ଆସି ଖବର ଦେଲା, 'ମା' କହିଲେ କଲେଜ ବେଳ ହେଲାଣି ।'

ଶ୍ରୀକୁମାରବାବୁ ଏଥର ଉଠିଲେ, ଆପଣ ବର୍ତ୍ତମାନ ଯାଆନ୍ତୁ । ପରେ ଯେତେବେଳେ ଆସିବେ, କଥାବାର୍ତ୍ତା ହବା ।' ସେ ଘର ଭିତରକୁ ଚାଲିଗଲେ ।

ଅଗତ୍ୟା ନାୟକବାବୁ ଉଠିଲେ । ରାସ୍ତାକୁ ଆସି ସେ ଆଗ ସାମନା ଗ୍ଟ' ଦୋକାନକୁ ଉଠୁ ଉଠୁ ଠିକଣା କଲେ ସେଇଦିନ ବନାରସ ଯିବାପାଇଁ ।

ସନ୍ଧ୍ୟା ସାତଟା ଆସି ବାଜିବ । ଲାଲବାଗ ଥାନାରେ ଗୋଟାଏ ବଡ଼ ଘରକୋଣିଆ ଟେବୁଲକୁ ଘେରି S. P. ରାଜେନବାବୁ, ଜିଲା ମାଜିଷ୍ଟ୍ରେଟ ଗୋକୁଳବାବୁ, ଅବିନାଶବାବୁ, ରମେଶବାବୁ ଓ କିଶୋର ବସିଛନ୍ତି । ସମସ୍ତେ ନାୟକବାବୁଙ୍କ ଅପେକ୍ଷାରେ ଏକପ୍ରକାର ବ୍ୟସ୍ତ ହୋଇ ପଡ଼ିଲେଣି ।

ହଠାତ ଅବିନାଶବାବୁ କହିଲେ, 'ଦୟାକରି ଯଦି ରାତି ନ'ଅଟା ଆଗରୁ କାମ ସାରି ଦିଅନ୍ତେ ତେବେ ମୁଁ ଅବେଳଣରେ ଆଜି ଏକସପ୍ରେସରେ କଲିକତା ଚାଲି ଯାଇ ପାରନ୍ତି ।' ସେ ରାଜେନବାବୁଙ୍କୁ ଚାହିଁଲେ ।

'ଆପଣ ଆଉ ଟିକିଏ ଅପେକ୍ଷା କରନ୍ତୁ । ନାୟକବାବୁ ଆସିଗଲେ ହେଲା ।' ରାଜେନବାବୁ ଅବିନାଶବାବୁଙ୍କୁ ସାନ୍ତ୍ୱନା ଦେଲେ ।

ରମେଶବାବୁ ଏଥର ଜାଣିବାକୁ ଚାହିଁଲେ, 'ଆମକୁ ପୁଲିସ ଦେଇ ଧରି ଆଣି ଏମିତି ବସେଇ ରଖିବାର ମାନେ ?'

'ତାର ଉତ୍ତର ଯିଏ ଡକେଇ ଆଣିଛନ୍ତି ସେଇ ଭଲ ଦେଇ ପାରିବେ ।' ରାଜେନବାବୁ ଉତ୍ତର ଦେଲେ ।

ଏତିକିବେଳକୁ ନାୟକବାବୁ ଭିତରକୁ ପଶି ଆସୁ ଆସୁ କହିଲେ, 'କ୍ଷମା କରିବେ, ଟିକିଏ ଡେରି ହୋଇଗଲା ।'

ରାଜେନବାବୁ ନାୟକବାବୁଙ୍କୁ ଲକ୍ଷ୍ୟକରି କହିଲେ, 'ଏମାନେ ସମସ୍ତେ ବଡ଼ ତରବର କଲେଣି । ଚଞ୍ଚଳ ଆପଣଙ୍କ କାମ ସାରି ନିଅନ୍ତୁ ।'

ଷ୍ଟେନୋଗ୍ରାଫର ମହାଶୟ ଖାତା ପେନସିଲ ଧରି ଆସିଲେ ।

ନାୟକବାବୁ ଟିକିଏ ଦମନେଇ ରମେଶବାବୁଙ୍କୁ ଲକ୍ଷ୍ୟକରି କହିଲେ, 'ମୋର ଯାହା କହିବାର ଅଛି ସେକଥା ଶୁଣିବା ପୂର୍ବରୁ ମୁଁ ଆପଣଙ୍କୁ ଗୋଟାଏ ପ୍ରଶ୍ନ ପଚାରିବି । ଆଶାକରେ ଆପଣ ପ୍ରଶ୍ନଟିର ଠିକ୍ ଉତ୍ତର ଦେବେ ।'

'ପଚାରନ୍ତୁ ।' ରମେଶବାବୁ ଅନୁମତି ଦେଲେ ।

ନାୟକବାବୁ ପଚାରିଲେ, 'ମୀରା ଦାସ ବୋଲି କୌଣସି ଖ୍ରୀଷ୍ଟିଆନ ଯୁବତୀଙ୍କୁ ଆପଣ ପ୍ରଥମ ଯୌବନରେ ପ୍ରେମ କରୁଥିଲେକି ?'

ରମେଶବାବୁ ପ୍ରଥମେ ଚମକିଉଠି ମୁହଁ ତଳକୁ ପୋତିଲେ ।

ନାୟକବାବୁ ପୁଣି କହିଲେ, 'ମୋ ପ୍ରଶ୍ନଟିର ଉତ୍ତର ଦେଲେନି ଯେ ?'

ଆଗପରି ମୁହଁ ତଳକୁ ପୋତି ରମେଶବାବୁ ଧୀରେ ମାନିଲେ, 'ହଁ ।'

ନାୟକବାବୁ ପୁଣି ଟିକିଏ ଚିନ୍ତାକରି ଆରମ୍ଭକଲେ; 'ଶୁଣନ୍ତୁ, ବର୍ତ୍ତମାନ ମୁଁ ରମେଶବାବୁଙ୍କ ଖାନନଗର ଘରେ ଘଟିଥିବା ଅଧ୍ୟାପକ ସ୍ୱରେନ ଚୌଧୁରୀଙ୍କ ହତ୍ୟା ସମ୍ପର୍କରେ ସବୁ କଥା ଆପଣମାନଙ୍କୁ ଖୋଲି କହିବି । ସେଇଥିପାଇଁ ଆଜି ଆପଣମାନଙ୍କୁ ଏଠାକୁ ଡକେଇ ଆଣିଚି ।' ସେ ଟିକିଏ ରହି କହି ଲାଗିଲେ, 'ଗଲା ରବିବାର ଅର୍ଥାତ ଜୁନ ମାସ ୮ ତାରିଖ ରାତି ପ୍ରାୟ ଦଶଟାବେଳେ ମୁଁ କିଶୋରବାବୁଙ୍କ ଆମନ୍ତ୍ରଣ କ୍ରମେ 'ସ୍ୱପ୍ନପୁରୀ'ରେ ପହଂଚି ଦେଖେ ସେଠାରେ ଅଧ୍ୟାପକ ସ୍ୱରେନ ଚୌଧୁରୀଙ୍କୁ କେହି ହତ୍ୟା କରିଛି । ସେଦିନ ରାତିରେ ମୁଁ ସେଇ ଘର ପୃଷ୍ଠପଟେ ଥିବା ବଗିଚାରୁ ଗୋଟିଏ ପିସ୍ତଲ, ହଲେ ହାତ ମୋଜା ପାଏ ଓ ଆହୁରି ମଧ୍ୟ ଦେଖେ ଯେ ଅଧ୍ୟାପକ ମରି ପଡ଼ିଥିବା ଉପର ମହଲା ଘରର ଗୋଟିଏ ଝରକାର ଠିକ ତଳେ ଥିବା ମାଟି ଉପରେ କିଏ କିଛି ପରିମାଣରେ କିରାସିନ ତେଲ ଢାଳିଛି ।

'ତା ପରଦିନ ମୁଁ ରମେଶବାବୁଙ୍କ ପରିବାରର ସମସ୍ତଙ୍କୁ ଜେରାକରି ବୁଝେ ।'

୧ । ସେଦିନ ରାତିରେ କେହି ହେଲେ ପିସ୍ତଲ ଫୁଟିବା ଶବ୍ଦ ଶୁଣି ନାହାନ୍ତି ।

୨ । ରାତି ପ୍ରାୟ ସାଢ଼େ ଆଠଟା ସୁଦ୍ଧା ଯିଏ ଯାହାର ଶୋଇବା ଘରମାନଙ୍କୁ ଯାଇ କବାଟ କିଲିଛନ୍ତି ।

୩ । ଚମ୍ପା ସମସ୍ତଙ୍କ ଘରେ ଦୁଧ ଥୋଇ ଦେଇ ଯିବା ପରେ ଅଳକା ନିଜେ ଉପର ମହଲା ସିଡ଼ି କବାଟ ବନ୍ଦକରି ଦେଇଛନ୍ତି ଓ ସେତେବେଳକୁ ଅଧ୍ୟାପକ ବଂଚିଥିଲେ ।

୪ । ବିଜୁଳି ତାର କଟିଗଲା ପରେ ସପନ ସବୁ ଘରେ ଗୋଟାଏ ଗୋଟାଏ ଲ୍ୟାମ୍ପ ଜଳେଇ ଦେଇ ଯାଇଛି ।

୫ । ପ୍ରଥମେ ଚମ୍ପା ଅଧ୍ୟାପକ ମରି ପଡ଼ିଥିବାର ଦେଖିଲା ।

୬ । ପୁଣି ଏ ଚମ୍ପା କିଶୋରବାବୁଙ୍କୁ ଅଧ୍ୟାପକଙ୍କ ଘର ଭିତରୁ ପିସ୍ତଲ ଧରି ଫେରୁଥିବାର ଦେଖିଛି ।

'ସପନ କୁହେ ଯେ—

୭ । ସେ ପିମ୍ପୁଡ଼ି ମାରିବାକୁ 'ସ୍ୱପ୍ନପୁରୀ' ଘର ବଗିଚାରେ କିରାସିନ ଢାଳିନ ଓ ତା ଛଡ଼ା ଆଉ କେହି କିରାସିନ ଢାଳିବାର ସମ୍ଭାବନା ବି ନାହିଁ ।

୮ । ପୁଣି ସେଦିନ ରାତିରେ ରମେଶବାବୁଙ୍କ ଆଦେଶ ମୁତାବକ ସେ ଗୋଟାଏ ପିସ୍ତଲ ଲୁଚେଇବାକୁ ଆସି ବଗିଚାରେ ଭୂତ ଦେଖିଛି ।

ଡାକ୍ତର ମାଇନାରୁ ଜଣାପଡ଼େ—

୯ । ଆତତାୟୀ ଖୁବ୍ ନିକଟରୁ ଗୁଳି ମାରିଛି ।

୧୦ । ମୃତବ୍ୟକ୍ତିଙ୍କୁ ଦୁଧ ସାଙ୍ଗେ ମିଶେଇ ନିଦ ଔଷଧ ଦିଆଯାଇଥିଲା; ଓ

୧୧ । ରାତି ନଅଟାଠାରୁ ସକାଳ ଛଅଟା ଭିତରେ ମୃତ୍ୟୁ ହୋଇଛି ।

ଟିପ ଚିହ୍ନ ପରୀକ୍ଷାରୁ ଦାହାରିଛି ଯେ

୧୨ । ମୃତ ବ୍ୟକ୍ତିଙ୍କ କୋଠରୀ ଦରଜା ଓ ବିଭିନ୍ନ ଆସବାବ ପତ୍ରରୁ ରମେଶବାବୁ, କିଶୋରବାବୁ ଓ ଜଣେ ହାତ ମୋଜା ପିନ୍ଧା ଲୋକର ଟିପଚିହ୍ନ ମିଳିଛି ।

୧୩ । 'ସ୍ୱପ୍ନପୁରୀର' ବାଡ଼ି କବାଟରୁ ଜଣେ ହାତ ମୋଜା ପିନ୍ଧା ଲୋକର ଟିପ ଚିହ୍ନ ମିଳେ ।

ଡାକ୍ତର ନଳିନୀବାବୁଙ୍କ ମତରେ—

୧୪ । ରେଖା ଦେବୀ କେବଳ କଠିନ ପରିଶ୍ରମ କଲେ ହଠାତ ହୃଦ ରୋଗରେ ଆକ୍ରାନ୍ତ ହୁଅନ୍ତି ଓ ଜଳବାୟୁ ପରିବର୍ତ୍ତନରେ ଏହା ଉପଶମ ହୋଇଥାଏ ।

ପୁଣି ଅଳକା କୁହନ୍ତି—

୧୫ । ସବୁଥର ରେଖା ଜଳବାୟୁ ପରିବର୍ତ୍ତନରେ ପୁରୀ ଗଲାବେଳେ ଚମ୍ପା ତାଙ୍କ ସାଙ୍ଗେ ଯାଇଥାଏ କିନ୍ତୁ ଏଥର ତା ପୂର୍ବରୁ କେବେହେଲେ ତା ସାଙ୍ଗେ ଦେଖା କରିବାକୁ ଆସିନି ।

ଏଣେ ଦ୍ୱିତୀୟ ଥର ପାଇଁ 'ସ୍ୱପ୍ନପୁରୀ' ଖାନତଲ୍ଲାସ କରି ମୁଁ ମୃତ-ବ୍ୟକ୍ତି ତାଙ୍କ ବନ୍ଧୁ ରାମମୋହନବାବୁଙ୍କ ପାଖକୁ ଲେଖିଥିବା ଏଇ ଚିଠିଟି ଓ ତଳ ମହଲାର ବାଡ଼ି ଦରଜାକୁ ଲାଗିଥିବା କୋଠରୀଟି ଭିତରୁ ଏଇ ଦର-ପୋଡ଼ା ସିଗାରେଟ ଖଣ୍ଡକ ପାଏ । ଚିଠିଟିରୁ ଜଣାପଡେ ।

୧୬ । ଅଧ୍ୟାପକ ରମେଶବାବୁଙ୍କ ଜୀବନର କିଛି ଗୁପ୍ତ କଥା ଜାଣିଥିଲେ-ଓ ସେତକ ପଦାରେ ପକେଇ ଦବାର ଭୟ ଦେଖେଇ ଅଳକାଙ୍କୁ ହାସଲ କରିବାକୁ ବସିଥିଲେ ।

୧୭ । ଚମ୍ପା ଉପରେ ତାଙ୍କର ସନ୍ଦେହ ଆସିଛି ଓ ସେଇ ସନ୍ଦେହ-ସତ ହୋଇଥିଲେ ଗୋଟାଏ କିଛି ବଡ଼ ବିପଦ ଘଟିବ ବୋଲି ସେ ଆଶା କରୁଥିଲେବି ।

୧୮ । ପୁଣି ସେ ଯୋଉ ପ୍ରମାଣଗୁଡ଼ିକ ଦେଖେଇ ରମେଶବାବୁଙ୍କୁ ଧମକେଇବାକୁ ବସିଥିଲେ ସେଗୁଡିକ ଗଲା କୁଆଡ଼େ ?

୧୯ । ଆଉ ଏଇ ଦରପୋଡ଼ା ସିଗାରେଟଟି ହେଲା Players No. 3 ଓ ଏଇ ମାର୍କା ସିଗାରେଟ ରମେଶବାବୁଙ୍କ ପରିବାରରେ କେବଳ ଅବିନାଶବାବୁ ବ୍ୟବହାର କରନ୍ତି ।

ଶେଷକୁ—

୨୦ । ଚମ୍ପା କୁହେ ରମେଶବାବୁ ତାକୁ ଅଧ୍ୟାପକଙ୍କୁ ନିଦ ଔଷଧ ଦବାକୁ ଆଦେଶ ଦେଇଥିଲେ ଓ ସେ ସେଇ ଆଦେଶ ପାଳନ କରିଛି ।

୨୧ । ସ୍ୱପ୍ନପୁରୀ ବଗିଚାରୁ ମିଳିଥିବା ହାତ ମୋଜା ହାଳକ ରମେଶ-ବାବୁଙ୍କର ଓ ରମେଶବାବୁଙ୍କ ନିଜ ପିସ୍ତଲରେ ଏଇ ହତ୍ୟାକାଣ୍ଡ ଘଟିଛି ।

୨୨ । ଅନ୍ୟପକ୍ଷରେ ସ୍ୱପ୍ନପୁରୀ ବଗିଚାରୁ ମିଳିଥିବା ପିସ୍ତଲଟି ରମେଶବାବୁ ନିଜେ କିଣିବା ବାହାନାରେ ମୋହନବାବୁଙ୍କ ଦୋକାନରୁ ଆଣିଥିଲେ, କିନ୍ତୁ ସେଥିରୁ ଗୋଟିଏବି ହେଲେ ଗୁଳି ଖର୍ଚ୍ଚ ହୋଇ ନାହିଁ ।

'ଏଇ ହେଲା ମୋ କେସର ପ୍ରଥମ ପର୍ଯ୍ୟାୟର ସାର କଥା । ଆଉ ଉପର ଠାଉରଆ ଭାବରେ ଦେଖିବାକୁ ଗଲେ ରମେଶ ବାବୁ ଦୋଷୀ । କିନ୍ତୁ

ଟିକଏ ତଳେଇ ଦେଖିଲେ ଜଣାଯାଏ ଯେ ଏହା ଭିତରେ ଆହୁରି ଅନେକ ଗୋଳମାଳ ଅଛି ।

'ରମେଶ ବାବୁ ନିଜ ପିସ୍ତଲରେ ଏ କାମ କଲେ । ତେବେ ମୋହନ ବାବୁଙ୍କଠୁ ସେ ଆଉ ଗୋଟିଏ ପିସ୍ତଲ ମାଗି ଆଣିଥିଲେ କାହିଁକି ? ଦ୍ୱିତୀୟରେ ସେ ନିଜେ ଯଦି ହାତ ମୋଜା ବ୍ୟବହାର କରିଥିଲେ ତେବେ ତାଙ୍କ ଟିପ ଚିହ୍ନ ମିଳିଲା କେମିତି ? ତୃତୀୟରେ ସେ ଯଦି ଅଧ୍ୟାପକଙ୍କୁ ନିଦ ଔଷଧ ଦେଇ ଶୁଆଇ ପକେଇ ପ୍ରମାଣତକ ଖସେଇ ନବାକୁ ବସିଥିଲେ, ତେବେ ହତ୍ୟା କଲେ କାହିଁକି ? ଚତୁର୍ଥରେ ଅନୁସନ୍ଧାନରୁ ବାହାରିଥିବା ଅଧିକାଂଶ ପ୍ରମାଣ ରମେଶ ବାବୁଙ୍କ ବିରୁଦ୍ଧରେ ଯିବାର କାରଣ କଣ ?'

'ଏଥର ଦେଖାଯାଉ ପ୍ରକୃତ ହତ୍ୟାକାଣ୍ଡ ଘଟିଛି କେତେବେଳେ ? ପ୍ରଥମେ ମୁଁ ଭାବିଥିଲି ରାତି ଦୁଇଟା ବେଳେ ଏହା ଘଟିଛି । କାରଣ ସେ ଦିନ ରାତିରେ ଅଧ୍ୟାପକ ମୋଟେ ତାଙ୍କ ଶେଯ ବ୍ୟବହାର କରି ନାହାନ୍ତି । ଏଣେ କିନ୍ତୁ ମୁଁ ଗଲାବେଳକୁ ତାଙ୍କ ଘର ଲ୍ୟାମ୍ପଟି ଲିଭି ହୋଇଥିଲା । ତେଣୁ ଏକଥା ସ୍ୱାଭାବିକ ଯେ ଅଧ୍ୟାପକ ଆଲୁଅ ଲିଭେଇ ଶୋଇବାକୁ ଯିବାବେଳେ ଏଇ ହତ୍ୟାକାଣ୍ଡ ଘଟିଛି । ତେଣୁ ମୁଁ ସେଇ ଲ୍ୟାମ୍ପରେ ବାକି ଥିବା ତେଲ ତକ ମାପି ଦେଖିଲି ଓ ଲ୍ୟାମ୍ପଟି ଘଣ୍ଟାଏ ଜଳିବାକୁ କେତେ ତେଲ ଦରକାର ପଡ଼େ ତା ମଧ୍ୟ ଲକ୍ଷ କଲି । ଏଇଥିରୁ ଜଣାଗଲା ଯେ ଲ୍ୟାମ୍ପଟି ପ୍ରାୟ ରାତି ଦୁଇଟା ଯାଏ ଜଳିଛି । ସମୟଟା ବି ବେଶ୍ ଖାପ୍ ଖାଇଲା । କାରଣ ସେତିକିବେଳେ କଲିକତା ଆଡ଼କୁ ଯାଉଥିବା ମାଡ୍ରାଜ ମେଲ କଟକ ଷ୍ଟେସନରେ ପହଞ୍ଚେ । ଆଉ ଏଇ ଗାଡ଼ିଟା କାଠଯୋଡ଼ି ପୋଲରେ ପଡ଼ିବା ମାତ୍ରେ ହତ୍ୟାକାରୀ ଗୁଳି ଛୁଟାଇଛି । ତେଣୁ ଗାଡ଼ି ଶବ୍ଦରେ ଗୁଳି ଫୁଟିବା ଶବ୍ଦ କୁଆଡ଼େ ଲୁଚି ଯାଇଚି; କାରଣ ସ୍ୱପ୍ନସୁଧାଠୁ ରେଲ ପୋଲ ବାଟ ଦୁଇ ଶହ ଗଜ ଦୂର ହବ କି ନାହିଁ ।

ତେବେ ଆଉ ଗୋଟାଏ କଥା । ଆଗରୁ ତ କହିଛି ଦୁଧ ସହିତ ନିଦ ଔଷଧ ମିଶେଇ ଅଧ୍ୟାପକଙ୍କୁ ପ୍ରାୟ ରାତି ନଅଟାବେଳକୁ ଦିଆଯାଇଥିଲା ଓ ଏଇ ଔଷଧର ପ୍ରକୋପ ପାଞ୍ଚ ମିନିଟ ଭିତରେ ଦେଖା ଦେବାର କଥା, ତାହା

ହେଲେ ଅଧ୍ୟାପକ ରାତ୍ରି ଦୁଇଟାଯାଏ ଚେଞ୍ଚା ରହିଲେ କେମିତି ? ଏଣୁ କରି କୌଣସି ଗୋଟାଏ ରେଲଗାଡ଼ି ପୋଲରେ ପଡ଼ିବା ମାତ୍ରେ ଏଇ ହତ୍ୟାକାଣ୍ଡ ଘଟିଛି । ନଚେତ୍ ଗୁଳି ଫୁଟିବା ଶବ୍ଦ ଶୁଭି ଥାଆନ୍ତା ।

'ଏଥର ଅଧ୍ୟାପକ ଶୋଇଥିବା ଘର ଝରକା ତଳେ ଥିବା ମାଟି ଉପରେ ଢଳା ହୋଇଥିବା କାଗ୍ରସିନ କଥା ମନେ ପକାନ୍ତୁ । ସପକ୍ଷ ଯୁକ୍ତି ପିମ୍ପୁଡ଼ି 'ମାରିବାକୁ ଏଇ ତେଲ ଢାଳିଲା ସେଠି ତେଲ ଢାଳିଲା କିଏ ? ସେଇଠୁ ମୁଁ ଜାଣିଲି ପ୍ରକୃତ ହତ୍ୟା ସମସ୍ୟା ଲୁଚେଇବାକୁ ହତ୍ୟାକାରି ଏଇ ଉପାୟ କରିଛି ।' ସେ ଟିକିଏ ଦମ ନେଲେ ।

ଗୋକୁଳବାବୁ ପଚାରିଲେ, 'ତେବେ ହତ୍ୟାକାଣ୍ଡଟା ଘଟିଚି କେତେ-ବେଳେ ?'

ନାୟକବାବୁ ଉତ୍ତର ଦେଲେ, 'ପ୍ରାୟ ସାଢ଼େ ନଅଟାବେଳେ । ଏତିକି ବେଳକୁ ପୁରୀରୁ କଲିକତାକୁ ଯାଉଥିବା Express ଗାଡ଼ି ଆସି କଟକରେ ପହଞ୍ଚେ । ଆଉ ଏଇ ଗାଡ଼ିଟା ପୋଲରେ ପଡ଼ିବା ମାତ୍ରେ ହତ୍ୟାକାରୀ ତା କାମ କରି ନେଇଛି । ତା ପରେ ସେ ପ୍ରକୃତ ସମସ୍ୟାଟା ଲୁଚେଇବା ପାଇଁ ଲ୍ୟାମ୍ପରୁ କିଛି ତେଲ ଝରକା ବାଟେ ଢାଳି ଦେଇ, ଅଧ୍ୟାପକ ଆଣିଥିବା ପ୍ରମାଣଭକ ସୁଟକେସରୁ ନେଇ ଖସି ଯାଇଛି ।'

ବାଧା ଦେଇ ରାଜେନବାବୁ ପଚାରିଲେ, 'ଆପଣ ତାହାହେଲେ କହିବାକୁ ଚାହାନ୍ତି ହତ୍ୟାକାରୀ ସେଇ ଉପର ମହଲରେ ଆଗରୁ ଥିଲା ?'

'ନିଶ୍ଚୟ ।' ନାୟକବାବୁ ଯୋର ଦେଇ କହିଲେ, 'ନ ହେଲେ ଉପର ମହଲ ସିଡ଼ି କବାଟ ରାତି ଦୁଇଟାବେଳକୁ ଖୋଲା ନ ଥାନ୍ତା । ମୋଟ ଉପରେ ହତ୍ୟାକାରୀ ପୂର୍ବରୁ ଅଧ୍ୟାପକଙ୍କ ଘରେ ଲୁଚି ରହିଥିଲା ଓ ସୁବିଧା ଦେଖି ସେ ତା କାମ ହାସଲ କରି ନେଇଚି । ପୁଣି ରମେଶବାବୁଙ୍କ ପିସ୍ତଲ ଓ ହାତ ମୋଜା କହି ଦଉଚି ହତ୍ୟାକାରୀ ସେଇ ପରିବାରର ଲୋକ । ଅନ୍ୟ ପକ୍ଷରେ ରମେଶବାବୁ ଯଦି ହତ୍ୟାକାରୀ ନୁହନ୍ତି, ତେବେ ରମେଶବାବୁ ଫାଶୀ ପାଇବାର ବା ତାଙ୍କୁ ହାତ ମୁଠାରେ ରଖିବାରେ ହତ୍ୟାକାରୀର ଯଥେଷ୍ଟ ଲାଭ ଅଛି । ତା ନ ହେଲେ ସେ ଜାଣି ଶୁଣି ରମେଶବାବୁଙ୍କ ପିସ୍ତଲ ଓ ହାତ ମୋଜା ବ୍ୟବହାର କରି ନ ଥାନ୍ତା ।

'ଏଥର ଆସନ୍ତୁ ଅତୀତକୁ ଫେରି ଯିବା । ଅଧ୍ୟାପକ ସୁରେନ ଚୌଧୁରୀ ଅତି ଗରିବ ଘରର ପିଲା । ତାଙ୍କର ପରିବାରର କେହି ବଞ୍ଚିବାର ଜଣା ନାହିଁ । I. A. ପଢ଼ିବା ସମୟରେ ସେ ବନ୍ଧୁ ବଜାରର ଗୋଟିଏ ଘରେ ରହି ଟିଉସନ କରି ଚଳୁଥିଲେ । ଆଉ ସେଇ ଘରେ ମୀରା ଦାସ ବୋଲି ଜଣେ ଖ୍ରୀଷ୍ଟିଆନ ଯୁବତୀ ତାଙ୍କର ଗୋଟିଏ ବୋଲି ଝିଅ ପାପାଲିକୁ ନେଇ ରହୁଥିଲା । ଏଇ ମୀରା ପ୍ରକୃତରେ ରମେଶବାବୁଙ୍କର ପ୍ରେମିକା । ବିବାହ ପୂର୍ବରୁ ରମେଶ ବାବୁ ମୀରାଙ୍କୁ ଭଲ ପାଉଥିଲେ । କିନ୍ତୁ ଶେଷ ପର୍ଯ୍ୟନ୍ତ ଧନ ଲୋଭରେ ସେ ଶାନ୍ତି ଦେବୀଙ୍କୁ ବିବାହ କଲେ ଓ ମୀରାଙ୍କୁ ନେଇ କଲିକତାରେ ରଖିଲେ । ଏଣେଠି ସୁରେନବାବୁ ମୀରାଙ୍କ ପ୍ରେମରେ ପଡନ୍ତି ଓ ତେଣିକି ମୀରାଙ୍କ ସାହାଯ୍ୟ ଫଳରେ ତାଙ୍କର ଦାରିଦ୍ର୍ୟ ଘୁଞ୍ଚେ । M. A. ପାଶ କଲା ପରେ ସୁରେନବାବୁ ବନାରସ ବିଶ୍ୱବିଦ୍ୟାଳୟରେ ଅର୍ଥଶାସ୍ତ୍ର ଗବେଷକ ରୂପେ ଯୋଗ ଦିଅନ୍ତି ।

'ବନାରସରେ ଥିଲାବେଳେ ସୁରେନବାବୁ ଉମା ବୋଲି ଗୋଟିଏ ଝିଅର ପ୍ରେମରେ ପଡ଼ିଲେ । ଏଇ ଉମା ତାର ଭାଇ ପ୍ରକାଶ ଓ ଭାଉଜ ସହିତ ରହୁଥାଏ । କିନ୍ତୁ ଏଇ ପ୍ରକାଶ ବଡ଼ ବଦମାସ । ପ୍ରକୃତରେ ଉମା ତାର ଭଉଣୀ ନୁହେଁ । ବରଂ ଉମାର ରୂପ ସାହାଯ୍ୟରେ ସେ ଅନ୍ୟମାନଙ୍କୁ ହାତ ମୁଠାରେ ରଖି ପଇସା ଆଦାୟ କରି ଚଳୁଥାଏ ।

'ସୁରେନବାବୁ ଉମା ସାହାଯ୍ୟରେ ଆସିଲାବେଳକୁ ମନୋହରଲାଲ ବୋଲି ସେଠାର ଜଣେ ବ୍ୟବସାୟୀକୁ ପ୍ରକାଶ ଉମା ସହିତ ବିବାହ ଦେବ ବୋଲି କହି ପ୍ରାୟ ପନ୍ଦର ହଜାର ଟଙ୍କାର ଗହଣା ଗାଣ୍ଠି ଆଦାୟ କରି ସାରିଥାଏ । ଶେଷକୁ ମନୋହରର ପ୍ରକାଶ ଉପରେ ସନ୍ଦେହ ହୁଏ ଓ ସେ ତା ଗହଣା ଗାଣ୍ଠି ଆଦାୟ କରିବାକୁ ବସେ । ପ୍ରକାଶ ଅନ୍ୟ ପକ୍ଷରେ ମନୋହରକୁ ମାରି ଦେଇ ଖସି ଯିବାର ବ୍ୟବସ୍ଥା କରେ । ସେ କଣ କରେନା ଦିନେ ମନୋହରକୁ ସହର ଉପକଣ୍ଠର ଗୋଟାଏ ଘରକୁ ଡାକି ନେଇ ସେଇଠି ତା କାମ କରି ନିଏ । ଫଳରେ ପୁଲିସ ପ୍ରକାଶ, ଉମା ଓ ପ୍ରକାଶର ସ୍ତ୍ରୀ ବୋଲାଉ ଥିବା ସ୍ତ୍ରୀ ଲୋକଟି ନାଁରେ କେଶ ଚଳାଏ ଅଧ୍ୟାପକ ସୁରେନ

ହାତ୍, ଓ ଏମାନଙ୍କ ସାଙ୍ଗେ ଧରା ହୋଇ ଅଦାଲତକୁ ଯାଆନ୍ତି । କିନ୍ତୁ ପ୍ରମାଣ ଅଭାବରୁ ସମସ୍ତେ ଖଲାସ ପାଇ ଯାଆନ୍ତି । କେବଳ ସୁରେନବାବୁ ଏଇଥିରେ ଏତେ ବଦନାମ ହୋଇ ଯାଆନ୍ତି ଯେ ସେ ବାଧ୍ୟ ହୋଇ ବନାରସ ଛାଡ଼ି ଉଚ୍ଚ ଶିକ୍ଷା ପାଇଁ ବିଲାତ ବାହାରି ଯାଆନ୍ତି ।

ବିଲାତରୁ ଫେରି ସୁରେନବାବୁ ସ୍କଟିସ୍‌ଚର୍ଚ୍ଚ କଲେଜରେ ଅଧ୍ୟାପକ ରୂପେ ଯୋଗ ଦିଅନ୍ତି । ଏଇଠି ଥିଲାବେଳେ ସେ ଅଳକାକୁ ବିବାହ କରିବାକୁ ଚାହାନ୍ତି । କିନ୍ତୁ ଭଉଣୀ ଅଳକା ଓ ରମେଶବାବୁ ଏଥିରେ ରାଜି ହେବାରୁ ସେ ମିଥ୍ୟା ସନ୍ଦେହ ରମେଶବାବୁଙ୍କ ସମ୍ପର୍କରେ ପଦାରେ ପକେଇ ଦେବାର ଭୟ ଦେଖେଇ ଅଳକାଙ୍କୁ ହାସଲ କରିବାକୁ ଅଣ୍ଟା ଭିଡ଼ିଲେ । ଅନ୍ତ ତାଙ୍କୁ କଟକ ଷଡ଼ଯନ୍ତ୍ର କରି ଆଣି ପ୍ରମାଣିତ କୌଣସି ମଙ୍ଗଳ ପେଷେଇ ନେବାକୁ ରମେଶବାବୁଙ୍କ ବ୍ୟବସ୍ଥା କଲେ ।

'ଏଥର ଆସନ୍ତୁ, ଦେଖିବା ପ୍ରକାଶ ମନୋହରର ହତ୍ୟା ମକଦ୍ଦମାରୁ ଖଲାସ ପାଇବା ପରେ କଣ କଲା । ମକଦ୍ଦମାରୁ ଖସି ପ୍ରକାଶ, ରୁମା ଓ ତା ସ୍ତ୍ରୀ ବୋଲି ହେଉଥିବା ଅନ୍ୟ ସାଥୀଟିକୁ ଧରି କଲିକତା ବାହାରି ଆସେ । ଏଥର ସେ ସାଇ ଇଞ୍ଜିନିୟର ବେଶ ବଦଳେଇ ବାପ ଝିଅ ସମ୍ବନ୍ଧ ଆରମ୍ଭ କରେ । ନିଜକୁ ଅବନୀଶ 'ରୁମା' କୁ ରେଖା ଓ ତାର ଅନ୍ୟ ନାରୀ ସାଥୀକୁ ଚମ୍ପା ନାଁ ଦେଇ ସେ ପୁଣି ତା ଖେଳ ଖେଳି ଲାଗିଲା ।'

ଅବନୀଶବାବୁ ହଠାତ୍ ଉତ୍ତେଜିତ ସ୍ୱରରେ ବାଧା ଦେଇ କହିଲେ, 'ଆପଣ ଏ ସମ୍ବନ୍ଧରେ କୌଣସି ପ୍ରମାଣ ଯୋଗେଇ ପାରିବେ ?'

'ନିଶ୍ଚୟ' ନାଗ୍ରଜବାବୁ ଅବନୀଶବାବୁଙ୍କ ଆଡ଼ ଆଖିରେ ଦୃଷ୍ଟି ଯୋଗ ଦେଇ କହି ଲାଗିଲେ, 'ବନାରସ ପୁଲିସଠାରୁ ମୁଁ ଫଟୋ ଇତ୍ୟାଦି ସବୁ ଯୋଗାଡ଼ କରି ଆଣିଛି । ପରେ ଅଦାଲତରେ ଦେଖିବେ ।'

ଅବନୀଶବାବୁଙ୍କ ମୁହଁ ଉପରେ କଳା ପଡ଼ିଗଲା । ତଥାପି ମୁହଁରେ କ୍ଷୀଣ ହସ ଫୁଟେଇ ସେ କହିଲେ, 'ଏଥର ଆପଣଙ୍କ ଉଦ୍ଭଟ କାହାଣୀ କହି ଚାଲନ୍ତୁ ।'

ନାୟକବାବୁ ପୁଣି ଆରମ୍ଭ କଲେ, 'ଏଭଳି ରମେଶବାବୁ ରେଖାଙ୍କ ବାପ୍‌ଙ୍କୁ ସମ୍ମତି ଓ ଶେଷ ପର୍ଯ୍ୟନ୍ତ ରେଖାଙ୍କୁ ସ୍ତ୍ରୀ ରୂପେ ଗ୍ରହଣ କରିବା ସାଙ୍ଗେ ସାଙ୍ଗେ ନିଜ ନାଁରେ ଥିବା ଅନେକ ସମ୍ପତ୍ତି ଲୋଭି ହୁଅନ୍ତି।

'ଏପଟେ ଅବିନାଶବାବୁଙ୍କ ଜୀବନ ସୁଖରେ କଟେ। କିନ୍ତୁ ଏତିକିବେଳକୁ ଅଧ୍ୟାପକ ଚୌଧୁରୀ ପୁଣି ଦେଖା ଦିଅନ୍ତି ଓ ରମେଶବାବୁ ବାଧ୍ୟ ହୋଇ ଚୌଧୁରୀ ମହାଶୟଙ୍କୁ ଏଠିକୁ ଆସିବାକୁ ନିମନ୍ତ୍ରଣ କରନ୍ତି। ଏ ଖବର ପାଇବା ମାତ୍ରେ ରେଖା ଦେବୀ ରୋଗ ବାହାନା ଦେଖେଇ ପୁରୀ ବାହାରି ଯାଆନ୍ତି; କିନ୍ତୁ ଚମ୍ପା ପୁରୁଣା ଅସୁଖ ବୋଲି କହି ଅବିନାଶବାବୁଙ୍କୁ ସାହାଯ୍ୟ କରିବାକୁ ରୁହନ୍ତି। ବଦଳରେ ନଟିଆ ମା'କୁ ପଠେଇ ଦିଏ।

'ଏଣେ ଅବିନାଶବାବୁ ଆଉ ଜଣେ ସହକର୍ମୀ ଦ୍ୱାରା ମାନ୍ଦ୍ରାଜରୁ ରବିବାର ରାତିରେ କଟକ ପହଞ୍ଚିବେ ବୋଲି ଟେଲିଗ୍ରାମ ପଠେଇବାର ବ୍ୟବସ୍ଥା କରି ଦେଇ ଅଧ୍ୟାପକ ଚୌଧୁରୀଙ୍କ ସାଙ୍ଗେ ଏକା ଗାଡ଼ିରେ ଆସି କଟକରେ ଓହ୍ଲେଇ ଷ୍ଟାର ହୋଟେଲରେ ରୁହନ୍ତି। ପୂର୍ବରୁ ଚମ୍ପା ସାହାଯ୍ୟରେ ବୋଧହୁଏ ସେ ରମେଶବାବୁଙ୍କ ପିସ୍ତଲ ଓ ହାତବୋମା ଯୋଗାଡ଼ କରି ଥାଆନ୍ତି। ହଠାତ୍ ରୋକି ଯାଇ ନାୟକବାବୁ ଅବିନାଶବାବୁଙ୍କୁ ପଚାରିଲେ 'କଣ ମୁଁ ଠିକ କହୁଛି ଅବିନାଶବାବୁ ?'

ଅବିନାଶବାବୁ ଟିକିଏ ଅତମତ ଖାଇ ଉତ୍ତର ଦେଲେ, 'ମୋ ଓକିଲର ପରାମର୍ଶ ବିନା ମୁଁ ଆପଣଙ୍କର କୌଣସି ପ୍ରଶ୍ନର ଉତ୍ତର ଦେବିନି।

'ଆପଣଙ୍କ ଇଚ୍ଛା।' ନାୟକବାବୁ ପୁଣି ଆରମ୍ଭ କଲେ, 'ହତ୍ୟାକାଣ୍ଡ ଦିନର ଝଡ଼ ବର୍ଷା ତାଙ୍କପାଇଁ ଆହୁରି ସୁବିଧା କରିଦେଲା। ସେ ସମସ୍ତଙ୍କ ଅଜାଣତରେ ଯାଇ ସ୍ୱପ୍ନପୁରୀରେ ପହଞ୍ଚି ଚମ୍ପା ରହୁଥିବା ଘରେ ଲୁଚି ରହିଲେ। ସେଇଥିପାଇଁ ସେଇ ଘରୁ ମୁଁ Players No 3 ସିଗାରେଟର ଅଧପୋଡ଼ା ଅଂଶଟିଏ ପାଇଲି। ତାପରେ ବେଶ୍ ସୁବିଧା ଦେଖି ଅଧ୍ୟାପକଙ୍କ ଘରେ ଆଶ୍ରୟ ନେଲେ ଓ ସୁବିଧା ଦେଖି କାମ ଫତେ କରି ଦେଇ ଅଧ୍ୟାପକ ସାଙ୍ଗରେ ଆଣିଥିବା ପ୍ରମାଣପତ୍ର ଧରି ଖସିଗଲେ।'

ଗୋକୁଳବାବୁ ଏଇଠି ପଚାରିଲେ, 'ତ୍ରିମାଣେଶ ସ୍ୱୈରଚର କବାଟରେ ତାଙ୍କର ଲାଞ୍ଛନ କଣ ? ସେତକ ପାଇଥିଲେ ପୁଲିସ ଓଁକାଟି ରମେଶବାବୁଙ୍କୁ ତ ବେଶୀ ସନ୍ଦେହ କରିଥାଆନ୍ତା ।'

'କହୁଚ ଶୁଣନ୍ତୁ ।' ହେଡ କ୍ଲାର୍କ ନାସୁକବାବୁ କହିଲେ, 'ଆପଣ ତ ଜାଣନ୍ତି ଅବିନାଶବାବୁ ପ୍ରତିପତ୍ତିଶାଳୀ ଲୋକ । ତେଣୁ ତାଙ୍କର ପ୍ରତିପତ୍ତି ଖଟେଇ ଯଦି ସେ ଖସି ଯାଆନ୍ତି, ତେବେ ଅବିନାଶବାବୁ ବିପଦରେ ପଡ଼ିବେ । କାରଣ ଅଧ୍ୟାପକ ଜୋରବର ଅଳକାଙ୍କୁ ମାରିବା ଦେଖି ଅବିନାଶବାବୁ ନିଶ୍ଚୟ ଧରି ନେଇଥିବେ ଯେ ହରେନବାବୁ ରେଖାଙ୍କ ଜୀବନ ଇତିହାସ ଉପରେ ଭିତ୍ତି କରି ଏ ଦୁଃସାହସ କରୁଛନ୍ତି । ତେଣୁ ରମେଶବାବୁଙ୍କୁ ହାତ ମୁଠାରେ ରଖିବାକୁ ସେ ସେତକ ସାଥୀରେ ନେଇଗଲେ । କାରଣ ଯଦି ସେଗୁଡ଼ାକ ରେଖାଙ୍କ ଜୀବନ ଇତିହାସ ଛଡ଼ା ଆଉ କିଛି ହୋଇଥାଏ ତେବେ ରମେଶବାବୁଙ୍କଠୁ ବେଶୀ କିଛି ଆଦାୟ କରିହେବ । ପୁଣି ରମେଶବାବୁ ନିଜ ନାଁରେ ଥିବା ସମ୍ପତ୍ତିର ଅଧା ରେଖାଙ୍କୁ ଦେଇ ମୂଳରୁ ଅବିନାଶବାବୁଙ୍କୁ ଫାଙ୍କିଦେଇ ଥାଆନ୍ତି । ପ୍ରକୃତରେ ମୋଟେ ଅଧେ ସମ୍ପତ୍ତିର ରମେଶବାବୁ ମାଲିକ । ତେଣୁ ସମ୍ପତ୍ତିର ଚତୁର୍ଥଭାଗରୁ ଛଡ଼େ ରେଖା ପାଇବେ । ବାକିତକ ଅଳକାଙ୍କ ଭାଗରେ ପଡ଼ିବ ।' ସେ ଟିକିଏ ସମୟ ଚୁପ ରହି ପୁଣି କହିଲେ, 'ମୋର ଯାହା କହିବାର ମୁଁ କହିଲି । ଆପଣମାନଙ୍କର ଯଦି ଆଉ କିଛି ସନ୍ଦେହ ଥାଏ ତେବେ ପଚାରି ପାରନ୍ତି ।'

ଗୋକୁଳବାବୁ ଜାଣିବାକୁ ଚାହିଁଲେ, 'ଅବିନାଶବାବୁ ଯଦି ପ୍ରକୃତ ହତ୍ୟାକାରୀ ତେବେ ତାର ସହକର୍ମୀ ଚମ୍ପା କାହିଁକି ଉପରକୁ ଉଠି ଅଧ୍ୟାପକ ମରି ପଡ଼ିଛନ୍ତି ବୋଲି ଜଣେଇ ଦେଲା । କାରଣ ସେ ଉପରକୁ ଉଠି ନ ଥିଲେ ଉପର ମହଲ ସିଡ଼ି କବାଟ ଖୋଲା ଥିଲା ବୋଲି ଆପଣ ଅନୁମାନ କରି ପାରି ନ ଥାନ୍ତେ । ଆଉ କେବଳ କବାଟ ଖୋଲାଥିବା ଶୁଣି ଆପଣ ଧରି ନେଲେ ଯେ ହତ୍ୟାକାରୀ ଆଗରୁ ଲୁଚି ରହିଥିଲା ।'

ନାସୁକବାବୁ ବୁଝେଇଲେ, 'ତା ଠିକ । ତେବେ ଅବିନାଶବାବୁ ଧରି ନେଇ ଥିଲେ ଯେ ରାତି ଦୁଇଟା ପୂର୍ବରୁ କେହି ନା କେହି ଅଧ୍ୟାପକ

ମଣି ପଡ଼ିଥିବା କଥା ଟା ପ୍ରକାଶ କରିଦେବ । ତେଣିକି ତାଙ୍କର ଘର ଭିତର କଥା କଣା ପଡ଼ିଗଲେ ବି ତାଙ୍କ ମୁଣ୍ଡରେ ଦୋଷ ଚାପିବା ଅସମ୍ଭବ ହେବ । କାରଣ ପୁଲିସ ଖବର ଯେ ପ୍ରକୃତ ହତ୍ୟାବେଳକୁ ସେ ମାନ୍ଦ୍ରାଜ ମେଲରେ । ଆଉ ଜଣେ ଲୋକ ରେଲଗାଡ଼ିରେ ଥିଲାବେଳେ ଏଠି ଆସି ହତ୍ୟା କରିବ କେମିତି ? ଏଣେ କିନ୍ତୁ କିଶୋର ଓ ରମେଶବାବୁ ସବୁ ଜାଣି ବି ଚୁପ ରହିଲେ । ତେଣୁ ମାନ୍ଦ୍ରାଜ ମେଲ ଫୋନରେ ପଡ଼ିବାମାତ୍ରେ ଚମ୍ପା ବାଧ୍ୟ ହୋଇ ଉପରକୁ ଉଠି ସବୁ କଥା ପ୍ରକାଶ କରିଦେଲା । ତା ନ ହୋଇଥିଲେ ସକାଳୁ ସବୁ କଥା ପ୍ରକାଶ ପାଇଥାଆନ୍ତା । ସେତେବେଳକୁ ଅବିନାଶବାବୁ ଏଠି ପହଞ୍ଚି ସାରନ୍ତେଣି । ତେଣିକି ହୁଏତ ପୁଲିସ ସନ୍ଦେହ କରିଥାଆନ୍ତା ଯେ ଅବିନାଶବାବୁ ଏଠି ପହଞ୍ଚି ଚମ୍ପାଠୁ ସବୁ କଥା ଶୁଣି ରାଗରେ ଏଇ କାମ କରିଛନ୍ତି । ଆଉ ବି ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଚମ୍ପା ଏଣେ ପାଟି କରି ସମସ୍ତଙ୍କୁ ଉଠେଇଲା ବେଳକୁ ଅବିନାଶବାବୁ ତେଣେ ଷ୍ଟେସନ ମାଷ୍ଟରଙ୍କ ଅଫିସରୁ ରମେଶବାବୁଙ୍କ ଘରକୁ ଫୋନ କରିବାରେ ବ୍ୟସ୍ତ । ଆଉ ଫୋନ କରି କରି କୌଣସି ଉତ୍ତର ନ ପାଇ ଶେଷକୁ ସେ ବାହାରକୁ ଆସି ଦେଖିଲେ ଟିକଟ କଲେକ୍ଟର ଫାଟକ ପାଖେ ନାହାନ୍ତି । ସେଇଠୁ ସେ ଯାଇ ଷ୍ଟେସନ ମାଷ୍ଟରଙ୍କୁ ଟିକଟ ଦେଇଯାଇ ବାହାରକୁ ଆସିଲେ ।

'ଏପରି କରିବାର କାରଣ ?' ଗୋକୁଳବାବୁ ଜେରା କଲେ ।

'ତାର ପ୍ରଧାନ କାରଣ ହେଉଛି ସେ ସେଠି ସମସ୍ତଙ୍କୁ ଜଣେଇଦବାକୁ ଚାହୁଁଥିଲେ ଯେ ମେଲଗାଡ଼ିରୁ ସେ ଓହ୍ଲାଇଛନ୍ତି, କିନ୍ତୁ ସାଧାରଣତଃ ଆମେ ଟିକଟ କଲେକ୍ଟରଙ୍କୁ ନ ପାଇଲେ ଟିକଟ ଧରି ଘରକୁ ଫେରିଆସୁ । ଷ୍ଟେସନ ମାଷ୍ଟରଙ୍କୁ ଖୋଜି ଟିକଟ ଦେଉନା । ପୁଣି ସେ ଆଗରୁ ଯେତେବେଳେ ଟେଲିଗ୍ରାମ କରିଥିଲେ, ରମେଶବାବୁଙ୍କ ଗାଡ଼ି ଷ୍ଟେସନକୁ ଯାଇଥିବା ସ୍ୱାଭାବିକ । ଏପରି କ୍ଷେତ୍ରରେ ଷ୍ଟେସନମାଷ୍ଟରଙ୍କ ଅଫିସରୁ ଫୋନକରି ଲାଭ କଣ ? ସେ ବାହାରକୁ ଆସି ଆଗ ଗାଡ଼ି ଆସିଛି କି ନାହିଁ ଦେଖି-ଥାଆନ୍ତେ । ତେଣିକି ଗାଡ଼ି ନ ଆସିଥିଲେ ସେ ଫୋନ କରିବାଟା ସ୍ୱାଭାବିକ ହୋଇଥାଆନ୍ତା ।'

ଗୋକୁଳବାବୁ ଏଥର ବୁଝିଲେ, 'ହାଁ ଠିକ, ତେବେ ଆପଣ ଏଣିକର ଘଟଣାରେ କେଉଁଠି ?'

'ଅମରବାବୁଙ୍କୁ ପଠେଇ ମୁଁ ଷ୍ଟେସନରୁ ଏ ଖବର ଯୋଗାଡ କରିଛି। ପୁଣି ଅଧ୍ୟାପକଙ୍କ ସାଙ୍ଗେ ଗାଡିରୁ ଓହ୍ଲାଇବାମାତ୍ରେ Players No. 3 ସିଗାରେଟ ଖୋଜିବାକୁ ଯାଇ ସେ ଷ୍ଟେସନର ସବୁ ସିଗାରେଟ ଦୋକାନ ବୁଲିଥିଲେ। ତେଣୁ ସେ ଆଗରୁ କଟକ ଆସିଥିଲେ ବୋଲି ଅମରବାବୁ ମଧ୍ୟ ଖବର ଦେଲେ। ବୋଧେ କେତେଜଣ ବି ତାଙ୍କୁ ଲକ୍ଷ କରିଥିଲେ।' ଟିକିଏ ରହି ନାୟକବାବୁ ପୁଣି କହିଲେ, 'ଅଥଚ ସ୍ବଳ୍ପ ହେବାକୁ ବସି ସେ ହଠାତ ନିଜକୁ ଧରେଇଦେଲେ କହିଲେ ଚଳେ। କଣ ଅବିନାଶବାବୁ, ମୁଁ ଠିକ କହୁଛି ?' ସେ ଅବିନାଶବାବୁଙ୍କ ମୁହଁକୁ ଚାହିଁଲେ।

ଅବିନାଶବାବୁ ଅଳ୍ପ ଓଠରେ ଚୁପ ରହିଲେ।

ସୁଜନବାବୁ ଏଥର ପଚାରିଲେ, 'ସପନ ବଗିଚାରେ ଭୂତ ଦେଖିବାର କାରଣ କଣ ?'

ହସି ହସି ନାୟକ ବାବୁ କହିଲେ, 'ସେ ମୋଟେ ଭୂତ ଦେଖିନି। ବରଂ ବର୍ଷାତି ପିନ୍ଧା ଅବିନାଶ ବାବୁଙ୍କୁ ଭୂତ ଠଉରେଇଛି।'

ଅବିନାଶ ବାବୁ ହଠାତ୍ ଠିଆ ହୋଇ କହିଲେ, 'ଏ ସବୁ ଆପଣ-ମାନଙ୍କର ମିଛ ଚକ୍ରାନ୍ତ ।......'

ସୁଜନ ବାବୁ ବାଧା ଦେଇ ଆଦେଶ ଦେଲେ, 'ଆପଣଙ୍କଠୁ ଆମେ ଆଉ କିଛି ଶୁଣିବାକୁ ଚାହୁଁନା। ଯାହା କହିବାର ଓକିଲ ଜରିଆରେ କୋର୍ଟରେ କହିବେ।' ସେ ହାବିଲଦାର ଜଣଙ୍କୁ ଚାହିଁ କହିଲେ, 'ଏଙ୍କୁ ଏଠୁ ନେଇଯାଅ।'

ଅବିନାଶ ବାବୁ ବାଧା ଦେବା ପୂର୍ବରୁ ହାବିଲଦାର ହାତ ବଢ଼ାଇ ଘିଚିନେଇ ଅବିନାଶ ବାବୁଙ୍କୁ ଉଠା ଉଠି ବାହାରକୁ ନେଇଗଲେ।

ଏତିକି ବେଳକୁ ସବଇନ୍ସପେକ୍ଟର ଅନନ୍ତ ବାବୁ ଭିତରକୁ ଆସି ଛାଇଦା ମୂର୍ତ୍ତିବତ ଅଭିବାଦନ ଜଣେଇ କହିଲେ, 'ରମେଶ ବାବୁଙ୍କ ଘରୁ ଫୋନ୍ ଆସିଛି ସାର୍ । ରେଖା ଦେବୀ ସନ୍ଧ୍ୟାବେଳୁ କବାଟ କିଳି ଘରେ ପଶିଛନ୍ତି । ଯେତେ ଡାକା ଡାକି କଲେ ବି କୌଣସି ଉତ୍ତର ମିଳୁନି ।'

ବିଳମ୍ବ ନ କରି ସମସ୍ତେ ଏକାବେଳକେ ଉଠିଲେ । ବାହାରେ ଠିଆ ହୋଇଥିବା ଜିପ୍‌ଟିରେ ଉଠିବା ମାତ୍ରେ ଡ୍ରାଇଭର ଗାଡ଼ି ଷ୍ଟାର୍ଟ ଦେଲା । ରମେଶ ବାବୁଙ୍କ ସହର ଭିତର ଘର 'ଶାନ୍ତିନିଳୟ'ରେ ପହଞ୍ଚିବାକୁ ପ୍ରାୟ ପନ୍ଦର ମିନିଟ ଲାଗିଲା ।

ଅଳକା ଏମାନଙ୍କୁ ଅପେକ୍ଷା କରି ବସିଥିଲେ । ତେଣୁ ଗାଡ଼ି ରୋକିବା ମାତ୍ରେ ସେ ତରବରରେ ଆଗେଇ ଆସି ରମେଶ ବାବୁଙ୍କୁ ଲକ୍ଷ୍ୟ କରି କହିଲେ, 'ଯେତେ କବାଟ ବାଡ଼େଇଲେ ବି ସାନ ମା' ଜବାବ ଦେଉ ନାହାନ୍ତି । ଚଞ୍ଚଳ ଆସନ୍ତୁ ।' କଥା ନ ସରୁଣୁ ସେ ଆଗେ ଆଗେ ବାଟ କଢ଼େଇ ଚାଲିଲେ ।

ଟିକିଏ ପରେ ସମସ୍ତେ ଆସି ରମେଶ ବାବୁଙ୍କ ଶୋଇବା ଘର ଆଗରେ ଠିଆ ହେଲେ । ନାୟକ ବାବୁ ତିନି ଚାରି ଥର ଜୋର ସୋରରେ ବାହାର ପଟ କବାଟରେ ଧକ୍କା ଦେଲେ । ତଥାପି ଜବାବ ମିଳିଲାନି । ଅନ୍ୟ ଉପାୟ ନ ଦେଖି ସେ ଟିକିଏ ପଛେଇ ଆସି କବାଟରେ ନିଜର ପୂରା ଓଜନ ସହିତ ଦୌଡ଼ି ଆସି ଧକ୍କାଏ ଦେଲେ । କବାଟ ଏଥର ଭାଙ୍ଗିଲା । ଏକାବେଳକେ ସମସ୍ତେ ଭିତରକୁ ପଶି ଦେଖିଲେ ରେଖା ପଲଙ୍କ ଉପରେ ଚିତ୍ ହୋଇ ଶୋଇଛନ୍ତି । ମୁଣ୍ଡ ଉପର ଟେବୁଲ୍ ଉପରେ ପାଣି ଗିଲାସକୁ ଲାଗି ରମେଶ ବାବୁଙ୍କର ନିଦ ଔଷଧ ଡବା ଥୁଆ ହୋଇଛି । ନାୟକ ବାବୁ ଡବାଟି ଆଣି ଖୋଲି ଦେଖିଲେ । ଡବାଟି ଏକବାରେ ଖାଲି । ସେ ଜାଣିଲେ, ରେଖା ଅତି ବେଶୀ ପରିମାଣରେ ନିଦ ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି । ସେ ରେଖାଙ୍କ କପାଳରେ ହାତ ମାରି ଦେଖିଲେ ଏକବାରେ ଶୀତଳ ପଡ଼ିଗଲାଣି ।

ଶର୍ମିଳା ଓ ଜଣେ ଲୋକ ଉମେଶ ବାବୁଙ୍କୁ ଧରି ଥାନା ଘରକୁ ବାହାରି ଗଲେ । ନାୟକ ବାବୁ ତନ୍ନଖି ତନ୍ନ ଅଣ୍ଟାରୁ ମୁଡା ଲଫାପାଟିଏ ବାହାର କରି ଚିରି ଦେଖିଲେ ଭିତରେ ଚିଠିଏ ଅଛି । ସେ ଧୀର ଗଳାରେ ପଢ଼ିବାକୁ ଲାଗିଲେ—

'—ମୋର ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି । ମୁଁ ଜାଣି ଶୁଣି ଆତ୍ମହତ୍ୟା କରୁଛି । କାରଣ କଚେରୀରେ ଠିଆ ହେବାର ସାହସ ମୋର ନାହିଁ ।'

'ମୋ ବାପ ମା'ଙ୍କୁ ମୁଁ ଜାଣେନା । ପିଲାଦିନୁ ମତେ ଗୋଟିଏ ବୁଢ଼ୀ ପାଳି ଆଣିଥିଲା । ମତେ ଯେତେବେଳେ ବାର ବର୍ଷ ସେତେବେଳେ ମୋର ସେଇ ଧାଈ ମା' ମତେ ଶରତ ଦାସ ବୋଲି ଜଣେ ଲୋକକୁ ବିକି ଦେଲା । ଚିଠିଟିରେ ମୁଁ ଶରତକୁ ଅବିନାଶ ବୋଲି ଉଲ୍ଲେଖ କରିଛି । କାରଣ ଏଠି ବର୍ତ୍ତମାନ ସେ ଅବିନାଶ ନାମରେ ପରିଚିତ ।'

'ଏଇ ଶରତ ପାଖେ ଥିଲାବେଳେ ମୁଁ ମାଟ୍ରିକ ପାଶ କଲି । ସେଇଠୁ ମୋ ପଢ଼ା ସରିଲା । ହଠାତ୍ ଦିନେ ଅବିନାଶ ମତେ ଓ ତା ସ୍ତ୍ରୀ ଆଦରକୁ ଧରି ବନାରସ ଚାଲିଗଲା । ପରେ ମୁଁ ଜାଣିଲି ସେ କୋଉ ଗୋଟାଏ ଚୋର କେଶରେ ଗିରଫ ହେବା ପୂର୍ବରୁ ଫାଙ୍କି ଦେଇ ଖସି ଆସିଛି ।'

'ବନାରସରେ ସେ ମତେ ତା ଭଉଣୀ ରମା ଓ ନିଜକୁ ପ୍ରକାଶ ବୋଲି କହି ବୁଲେ । ଏଇଠି ସେ ମତେ ବାଧ୍ୟ କରେ ଅନ୍ୟମାନଙ୍କୁ ଦେହ ଦେବା ପାଇଁ । ତା ଅତ୍ୟାଚାରରେ ମୁଁ ବାଧ୍ୟ ହୋଇ ଦେହ ବିକେ ଓ ମୋର ରୋଜଗାରରେ ସେମାନେ ଚଳୁ ଥାଆନ୍ତି । ମୋ ରୂପରେ ମୁଗ୍ଧ ହୋଇ ବହୁତ ପଇସାବାଲା ବି ଆସି ଯୁଟୁ ଥାଆନ୍ତି ।

'ଏଇଠି ମୁଁ ଦିନେ ମନୋହରଲାଲ ବୋଲି ଜଣେ ମାରୱାଡ଼ି ଯୁବକଙ୍କୁ ଭେଟେ । ମନୋହର ମୋ ରୂପ ଦେଖି ଏକବାରେ ଭୁଲିଗଲେ ଓ ମତେ ରକ୍ଷିତା କରି ରଖିବାକୁ ଚାହିଁଲେ । ଏଇ ସୁଯୋଗରେ ଅବିନାଶ ତାଠୁ

ବସ୍ତୁର ଧନ ସମ୍ପତ୍ତି ଅଧିକାର କରି ନେଲା । ମୁଁ ଏ ସବୁ ଜାଣି ଶୁଣି ଚୁପ ହେଲି । କାରଣ ଯେ କୌଣସି ଉପାୟରେ ଅବନାଶ କବଳରୁ ଖସିଯିବା ପାଇଁ ମୁଁ ବ୍ୟସ୍ତ ଥାଏ । ଶେଷକୁ ମନୋହର ଅବନାଶର କାରସାଦ ବୁଝିପାରି ମତେ ଉପହାର ଦେଇଥିବା ଗହଣା ପାଣ୍ଠି ଫେରସ୍ତ ମାଗିଲା । ଅବନାଶ ସେତେବେଳକୁ ସେ ସବୁ ବିକି ଦେଇ ନିଜ ନାଁରେ ଗୋଟାଏ ବ୍ୟାଙ୍କ ଜମା ଖୋଲିଥାଏ । ତେଣୁ ସେ ବି ମନୋହରକୁ ଫାନ୍ଦି ଦବାକୁ ବସିଲା । ମନୋହର କେତୋଟି ଗହଣା ଦେଇ ତାଙ୍କ ସାହାଯ୍ୟ ନେଇ ଓଲଟି ତେଣୁ ଚଳେଇବାକୁ ଧମକେଇଲା । ତେବେ ତା ଶୁଣି ଅବନାଶ ଚୁପଚାପ ହେଲା ।

ଏହି ଘଟଣାର ଛଅ ମାସ ପୂର୍ବରୁ ଅବନାଶ ସ୍ୱରେଶ ବାବୁଙ୍କୁ ଥରେ ମୋ ପାଖେ ପଠେଇ ଥାଏ ଓ ସ୍ୱରେଶ ବାବୁ ମତେ ବିବାହ କରିବାକୁ ଇଚ୍ଛୁକ ଥାଆନ୍ତି । ମୁଁ କିନ୍ତୁ ତାଙ୍କୁ ନାପସନ୍ଦ କରୁଥାଏ । ତଥାପି ତାଙ୍କୁ ଉପରେ ଉପରେ ସମସ୍ତ ସୁବିଧା ଦେଉଥାଏ । କାରଣ ସେତେବେଳକୁ ମୁଁ ଜାଣିଥାଏ ଯେ ଅବନାଶ ମତେ ମନୋହର ପାଖେ ଛାଡ଼ି ଦବାକୁ ନାରାଜ । ତେଣୁ ତା କବଳରୁ ବଞ୍ଚିବାର ଏକମାତ୍ର ଆଶା ଥାଆନ୍ତି ସ୍ୱରେଶ ବାବୁ ।

ଅବନାଶ ସ୍ୱାର୍ଥ ସୁବିଧା ନେଇ ପରେ ମନୋହରକୁ ଗହଣା ପାଣ୍ଠି ଫେରେଇ ଦବ ବୋଲି କହି ଗୋଟାଏ ସବୁଦିନେ ଘରକୁ ଡକେଇ ନେଉଥାଏ । ଏଣୁ ସନ୍ଧ୍ୟା ସେ ମୋର ଭାଇଙ୍କର ସ୍ୱରେଶ ବାବୁଙ୍କୁ ସାଢ଼େ ଆଠଟା ବେଳକୁ ହେଲେ ଘରକୁ ଆସିବାକୁ ନିମନ୍ତ୍ରଣ କରିଥାଏ ।

ସେଦିନ ସନ୍ଧ୍ୟା ଛଅଟା ବେଳକୁ ଅବନାଶ, ଆଦର ଓ ମୁଁ ଛଦ୍ମ ବେଶରେ ସେଇ ଘରେ ପହଞ୍ଚିଲୁ । ଅବନାଶ ଗୋଟାଏ ପଞ୍ଜାବୀ ବେଶରେ ଏବଂ ମୁଁ ଓ ଆଦର ପୁରୁଷ ବେଶରେ ସେଠିକୁ ଯାଇଥିଲୁ । ସନ୍ଧ୍ୟା ବୁଡ଼ୁ ବୁଡ଼ୁ ମନୋହର ଆସି ପହଞ୍ଚିଲା । ତାକୁ ଦାଣ୍ଡ ଘରେ ବସେଇ ଅବନାଶ ମୋ ହାତରେ କପେ ଚା' ପଠେଇ ଦେଲା । ବିଶ୍ୱାସରେ ମନୋହର ଚା' ଖାଇଲା । କିନ୍ତୁ ପରେ ପରେ ସେ ଅସ୍ଥିର ହୋଇ 'ମରିଗଲି' 'ମରିଗଲି

ବୋଲି ପାଟି କରିବାକୁ ଲାଗିଲା । ପ୍ରଥମେ ମୁଁ କିଛି ବୁଝି ପାରିଲିନି । ସେତେବେଳକୁ ମନୋହର ମତେ ଖୁନୀ ବୋଲି ଆକ୍ଷେପ କରି ଯାହା ଇଚ୍ଛା ତାହା କହି ଚାଲିଥାଏ । ଶେଷକୁ ବିଷ ଦାଉ ଆଉ ସମ୍ଭାଳି ନ ପାରି ସେ ବାହାରକୁ ପଳେଇବ ବୋଲି ବାହାରିଲା । ଅବିନାଶ ତାକୁ ଜୋର କରି ମାଡ଼ି ବସି ତା ପାଟିରେ ମେଞ୍ଚାଏ କନା ମାଡ଼ି ଧରିଲା । ପ୍ରାୟ ପାଞ୍ଚ ମିନିଟ ଭିତରେ ମନୋହରର ପ୍ରାଣ ଗଲା ।

ଏ ସବୁ ଦେଖି ମୁଁ ହତବାକ୍ ହୋଇ ଯାଇଥାଏ । ମୋର ହାତରେ ବିଷ ଦେଇ ଅବିନାଶ ମନୋହରକୁ ମାରିବ ବୋଲି ମୁଁ କେବେ କଳ୍ପନା କରି ନ ଥିଲି । ପରେ ପରେ ଆମେ ଆମର ଛଦ୍ମ ବେଶ ଧରି ସେଠୁ ପଳେଇଗଲୁ । ସେଇ ଦିନଠୁ ମୁଁ ଏକାବେଳକେ ଅବିନାଶ ହାତ ମୁଠାରେ ରହିଲି ।

ଅବିନାଶର ମତଲବ ଥିଲା ମନୋହରର ହତ୍ୟା ସୁରେନ ବାବୁଙ୍କ ମୁଣ୍ଡରେ ଚାପି ଦେବାକୁ । ସେଥିପାଇଁ ସେ ଆଠଟା ବେଳକୁ ସେଇ ଘରକୁ ସୁରେନ ବାବୁଙ୍କୁ ଡକେଇ ଥାଏ । ଏଣେ ସେଠୁ ଆସିବା ସାଙ୍ଗେ ସାଙ୍ଗେ ସେ ନିଜେ ସେଇ ଘରେ ଗୋଟାଏ ହତ୍ୟାକାଣ୍ଡ ଆଠଟା ବେଳକୁ ଘଟିବ ବୋଲି ଥାନାକୁ ଫୋନ୍ କରିଦେଲା । ପୁଲିସ ଯାଇଁ ସେଠି ଠିକଣା ସମୟରେ ପହଞ୍ଚିଲା । ହେଲେ ସୁରେନ ବାବୁଙ୍କୁ ପାଇଲାନି । କେବଳ ମନୋହରର ଲାସ ନେଇ ଫେରିଲା । କାରଣ ଗୋଟାଏ ଜୋଡ଼ ସଭାରେ ବାଧ୍ୟ ହୋଇ ଯୋଗ ଦବାକୁ ପଡ଼ିବାରୁ ସୁରେନବାବୁ ଆଠଟା ବଦଳରେ ଦଶଟା ବେଳକୁ ସେଠି ପହଞ୍ଚିଲେ । ଆଉ ସେତେବେଳକୁ ପୁଲିସ ପହଞ୍ଚି ସାରିଲାଣି ।

'ସେ ଯାହାହଉ ପୁଲିସ ସୁରେନବାବୁ ଓ ଆମ ତିନିଙ୍କ ନାଁରେ କେସ ଚଳେଇଲା । ପ୍ରଥମେ ସୁରେନବାବୁ ପ୍ରମାଣ ଅଭାବରୁ ଖସିଲେ । କିଛି ଦିନ ପରେ ଆମେ ବି ପ୍ରମାଣ ଅଭାବରୁ ଖଲାସ ପାଇଲୁ । ତା ପରେ ଅବିନାଶ କଲିକତା ଅଫିସ ତାହାର ।

'ଏଇଠି ମୁଁ ରମେଶବାବୁଙ୍କର ଭେଟ ପାଏ । କାହିଁକି କେଜାଣି ସେ ମତେ ଅନେକ୍ଟରୁ ପସନ୍ଦ କରିବସନ୍ତି । ମୁଁ ବି ଜାଣିପାରେ ସେ ଧନୀ ଓ ସମାଜରେ ପ୍ରଭାବଶାଳୀ, ତେଣୁ ତାଙ୍କ ସାହାଯ୍ୟରେ ଅବିନାଶ କବଳରୁ ଖସିବାକୁ ପୁଣି ଚେଷ୍ଟା କଲି । ରମେଶବାବୁ ଦିନକୁ ଦିନ ମୋ ପାଇଁ ପାଗଳ ହୋଇ ଉଠନ୍ତି । ମୁଁ ବି ତାଙ୍କୁ ପୂର୍ଣ୍ଣ ସୁଯୋଗ ଦେଉଥାଏ । ଶେଷକୁ ସେ ମତେ ବାହା ହବାକୁ ସ୍ଥିର କରନ୍ତି । ଏଠି ଅବିନାଶ ମତେ ତା ସ୍ତ୍ରୀ ବୋଲି ପରିଚୟ ଦେଇଥାଏ । ତେଣୁ ସେ ଲୋକ ଦେଖାଣିଆକୁ ରମେଶ-ବାବୁଙ୍କୁ ବାଧ୍ୟକରି ଅଧା ସମ୍ପତ୍ତି ମୋ ନାଁରେ ଲେଖେଇ ଦେଇ ଚୁକ୍ତିନାମା ଘଡରେ ମୋର ତାଙ୍କ ସହିତ ବିବାହ କରେଇଦିଏ ।

'ବିବାହ ପରେ ମୁଁ ସ୍ୱାମୀଙ୍କ ସାଙ୍ଗେ କଟକ ଆସିଲି । ଅବିନାଶ ଆଗରୁ ଚମ୍ପା ନାଁରେ ମୋ ଖାସ ଚାକରାଣୀ କରି ପଠେଇଲା । ଏଠିଆସି ମୁଁ ସମାଜରେ ସ୍ଥାନ ପାଇଲି । ତାପରେ ମୁଁ ଚମ୍ପାକୁ ହାତକରି ଅବିନାଶ ହାତରୁ ଖସିବାକୁ ଚେଷ୍ଟା କଲି, କିନ୍ତୁ ଚଂପା ଓଲଟି ବେଶି ବେଶି ଅବିନାଶ ତରଫ ନେଇ ମତେ ଗୋଡ଼େଇ ଗୋଡ଼େଇ ଲାଗିଲା । ଦିନକୁଦିନ ଅବିନାଶର ଲୋଭ ବଢ଼ିଲା । ରକ୍ଷା ପାଇବା ଆଶାରେ ଅନେକ ସଂପତ୍ତି ଲୁଚା ଲୁଚିରେ ତାକୁ ଦେଲି । ତଥାପି ତା ଲୋଭ ମେଣ୍ଟିଲାନି ।

'ଏତିକିବେଳକୁ ସୁରେନବାବୁ ଅଳକାଙ୍କୁ ବିବାହ କରିବା ଆଶାରେ କଟକ ଆସିବେ ବୋଲି ମୁଁ ଶୁଣିଲି । ମୋର ଭୟ ହେଲା ସେ ମତେ ଚିହ୍ନି ପାରିବେ ଓ ମୋର ପ୍ରକୃତ ପରିଚୟ ପଦାରେ ପଡ଼ିଯିବ । ତେଣୁ ମୁଁ ପୁନଥରେ ଅବିନାଶର ଶରଣ ନେଲି ଓ ତାର ଉପଦେଶ ମୁତାବକ ସୁରେନବାବୁ ପହଞ୍ଚିବା ପୂର୍ବରୁ ରୋଗ ବାହାନା ଦେଖେଇ ପୁରୀ ବାହାରି ଗଲି । ଏଥିପାଇଁ ମତେ କିଛି କଷ୍ଟ କରିବାକୁ ପଡ଼ିଲାନି, କାରଣ ସ୍ୱାମୀ ଆଗରୁ ଅନେକଥର ମୁଁ ଏମିତି ରୋଗର ଛଳନାକରି ପୁରୀଯାଇ ଅବିନାଶ ସାଙ୍ଗେ ଲୁଚି ଛପାରେ ଦେଖା କରିଛି । ଏଥର କିନ୍ତୁ ଚଂପା ମୋ ସାଙ୍ଗେ ଗଲାନି । ହଠାତ୍ ଅସୁସ୍ଥ ବାହାନା ଦେଖେଇ ସେ ଏଠି ରହିଲା । ପୁରୀ ଯିବାର ଦୁଇ ଦିନ ପରେ ମୁଁ ଖବରକାଗଜରୁ ଅଧ୍ୟାପକଙ୍କ ହତ୍ୟା ଖବର ପାଇଲି ।

'ତା ପରେ ମୁଁ କଟକ ଫେରି ଚଂପାଠୁ ସବୁ ଶୁଣିଲି । ଅବିନାଶ ପ୍ରକୃତରେ ହତ୍ୟାକାରୀ । ମୋ ସ୍ୱାମୀଙ୍କ ପିସ୍ତଲରେ ଏହି କାଣ୍ଡ ଘଟିଛି ଓ ଚଂପା ସେହିକୁ ନେଇକରି ଆଣି ଅବିନାଶକୁ ଦେଇଛି । ପୁଣି ହତ୍ୟାଦିନ ରାତିରେ ଚଂପାର ସାହାଯ୍ୟ ନେଇ ଅବିନାଶ ସୁରେନବାବୁଙ୍କ ଘର ଖଟ ତଳେ ଆଗରୁ ଲୁଚି ରହିଥିଲା । ଆଉ ସୁବିଧା ଦେଖି ସେ ସୁରେନବାବୁଙ୍କୁ ଗୁଳି କରି ମୋ ସ୍ୱାମୀଙ୍କ ଦୁଷ୍ଟ ଚରିତ୍ର ପ୍ରମାଣ କରିବାକୁ ଅଧ୍ୟାପକ ଆଣିଥିବା କେତେକ କାଗଜପତ୍ର ଧରି ସେ ବାହାରିଗଲା । ଆଗରୁ ଅବିନାଶ ଆଉ ଜଣଙ୍କ ହାତରେ ମାନ୍ଦ୍ରାଜରୁ ଗୋଟାଏ ଟେଲିଗ୍ରାମ ପଠେଇଥାଏ ଯେ ସେ ରବିବାର ଦଶ ଘଢ଼ି ମାନ୍ଦ୍ରାଜ ମେଲରେ କଟକ ପହଞ୍ଚିବ । ସେଇ ଲୋକଟି କଟକ ଷ୍ଟେସନରେ ଅବିନାଶକୁ ମାନ୍ଦ୍ରାଜଠାରୁ କଟକଯାଏ ଖଣ୍ଡିଏ ଟିକଟ ଓ ଟ୍ରଙ୍କ ନେଣ୍ଡିଂ ଧରେଇ ଦେଇଗଲା । ତାପରେ ଅବିନାଶ ମାନ୍ଦ୍ରାଜରୁ ଆସୁଛି ବୋଲି ଛଳନା ଦେଖେଇ ଏ ଘରେ ପହଞ୍ଚିଲା । ତାର ଆଉ ବି ମତଲବ ଅଛି ଯେ ସୁରେନବାବୁଙ୍କଠୁ ଆଦାୟ କରିଥିବା କାଗଜପତ୍ର ସାହାଯ୍ୟରେ ସେ ମୋ ସ୍ୱାମୀଙ୍କୁ ଚିରକାଳ ହାତ ମୁଠାରେ ରଖିବ । ସେତକ ସେ ତା ନିଜ ଟ୍ରଙ୍କରେ ରଖିଛି । ଆଜି ସେତକ ଧରି ସେ କଲିକତା ବାହାରିଯିବ ।

'ଶେଷରେ ମୁଁ ମୋ ସ୍ୱାମୀଠୁ କ୍ଷମା ଚାହେଁ ।'

ଇତି—ରେଖା ଦେବୀ

ଚିଠିଟି ପଢ଼ିସାରି ନାୟକବାବୁ ବାହାରକୁ ଆସି ଚଂପାକୁ ଗିରଫ କରିବା ସାଙ୍ଗେ ସାଙ୍ଗେ ଅବିନାଶବାବୁଙ୍କ ଟ୍ରଙ୍କ ସମସ୍ତଙ୍କ ଆଗରେ ଖୋଲି ସୁରେନବାବୁ ଆଣିଥିବା କାଗଜପତ୍ରତକ ଧରି ମନ ଖୁସିରେ ଚାଲିଲେ ।

—ଶେଷ—

Pr nted & Published by Pradipta K:shore Das
at Krushak Press, Cuttack—1